# ଏକକ ୫: ଶ୍ରେଣୀକକ୍ଷ ପ୍ରକ୍ରିୟାର ପରିଚାଳନା

ଟିପ୍ପଣୀ

## ସଂରଚନା


୫.୦ ଉପକ୍ରମ

୫.୧ ଶିକ୍ଷଣ ଉଦ୍ଦେଶ୍ୟ

୫.୨ ଶିକ୍ଷଣ ସ୍ଥିତି ପରିଚାଳନା

  ୫.୨.୧ ଶିକ୍ଷାର୍ଥୀ ଅନୁକୂଳ ପରିବେଶ ନିର୍ମାଣ

  ୫.୨.୨ ବ୍ୟକ୍ତିଗତ ଶିକ୍ଷଣ ପରିଚାଳନା

  ୫.୨.୩ ସାମୂହିକ ଶିକ୍ଷଣ ପରିଚାଳନା

୫.୩ ଶିକ୍ଷଣ ଓ ଶିକ୍ଷାଦାନ ପାଇଁ ସମୟ ଓ ସ୍ଥାନର ପରିଚାଳନା

  ୫.୩.୧ ସମୟର ପରିଚାଳନା

  ୫.୩.୨ ଶ୍ରେଣୀକକ୍ଷ ସ୍ଥାନ ପରିଚାଳନା

  ୫.୩.୩ ଶିକ୍ଷଣ କାର୍ଯ୍ୟଭିତ୍ତିକ ଶ୍ରେଣୀକକ୍ଷରେ ବସିବା ବ୍ୟବସ୍ଥା

୫.୪ ପ୍ରୋତ୍ସାହନ/ପ୍ରେରଣା ଓ ଶୃଙ୍ଖଳା ପାଇଁ ପରିଚାଳନା

  ୫.୪.୧ ବିଦ୍ୟାର୍ଥୀଙ୍କ ପ୍ରେରଣା/ପ୍ରୋତ୍ସାହନ ପରିଚାଳନା

  ୫.୪.୨ ଶ୍ରେଣୀକକ୍ଷରେ ଶୃଙ୍ଖଳା ପରିଚାଳନା

୫.୫ ଏକ ପରିଚାଳକ ରୂପରେ ଶିକ୍ଷକଙ୍କ ଭୂମିକା

  ୫.୫.୧ ଶିକ୍ଷା ଅଧିକାର ଆଇନ ଓ ଶିକ୍ଷକଙ୍କ ଭୂମିକା

୫.୬ ସାରାଂଶ

୫.୭ ତୁମ ପ୍ରଗତି ପରଖିବା ପାଇଁ ଆଦର୍ଶ ଉତ୍ତରମାଳା

୫.୮ ସହାୟକ ଗ୍ରନ୍ଥ ଓ ପ୍ରବନ୍ଧ ସୂଚୀ

୫.୯ ପାଠାନ୍ତ ପ୍ରଶ୍ନାବଳୀ

ଟିପ୍ପଣୀ

## ୫.୦ ଉପକ୍ରମ

ଶିକ୍ଷଣ ପ୍ରକ୍ରିୟା, ଶିକ୍ଷଣ ଓ ଶିକ୍ଷାଦାନର ବିଭିନ୍ନ ପଦ୍ଧତି ଓ ପ୍ରୟାସ, ସ୍ୱତନ୍ତ୍ରଭାବେ କ୍ରିୟାକଳାପ ଆଧାରିତ ଜ୍ଞାନ ତଥା ଶିକ୍ଷଣ କୈନ୍ଦ୍ରିକ ପ୍ରବିଧି ସଂକ୍ରାନ୍ତ ଜ୍ଞାନ, ଶ୍ରେଣୀକକ୍ଷରେ ସେସବୁର ପ୍ରୟୋଗ ପାଇଁ ପର୍ଯ୍ୟାପ୍ତ ନୁହେଁ । କେବଳ ବିଭିନ୍ନ ପଦ୍ଧତି ଓ ପ୍ରୟାସ ସମ୍ପର୍କିତ ତଥ୍ୟଗତ ଜ୍ଞାନ ଲାଭ ଯଥେଷ୍ଟ ନୁହେଁ, ବାସ୍ତବ ଶ୍ରେଣୀକକ୍ଷରେ ଏହାର ବ୍ୟବହାର କୌଶଳ ମଧ୍ୟ ଜାଣିବା ଆବଶ୍ୟକ । ଶ୍ରେଣୀକକ୍ଷରେ ଆଶାନୁରୂପ ପଦ୍ଧତି/କାର୍ଯ୍ୟପ୍ରଣାଳୀ ବ୍ୟବହାର ସମୟରେ ତୁମକୁ କେଉଁସବୁ ସମସ୍ୟାର ସାମ୍ନା କରିବାକୁ ପଡ଼ିବ ତାହା ତୁମେ କଳ୍ପନା କରିପାରୁଛ କି ?

**ନିମ୍ନ ପରିସ୍ଥିତିକୁ ପଢ଼ :**

ପରିସ୍ଥିତି-୧ : ମି. ବିବେକ ଯେତେବେଳେ ଭୂଗୋଳ ପଢ଼ାଇବା ପାଇଁ ସମସ୍ତ ଆବଶ୍ୟକ ସାମଗ୍ରୀ ଏବଂ ଉତ୍ତମ ପ୍ରସ୍ତୁତ ଶିକ୍ଷଣକାର୍ଯ୍ୟ ସହ ଷଷ୍ଠ ଶ୍ରେଣୀକକ୍ଷରେ ପ୍ରବେଶ କଲେ ସେ ଏକ ବିଶୃଙ୍ଖଳିତ ବାତାବରଣର ସମ୍ମୁଖୀନ ହେଲେ । ସେତେବେଳେ ଦୁଇ ଜଣ ଛାତ୍ର ପରସ୍ପର ମଧ୍ୟରେ ଝଗଡ଼ା କରୁଥିଲେ ଏବଂ ଅନ୍ୟମାନେ ଜୋର୍‌ରେ ଚିତ୍କାର କରୁଥିଲେ ଏବଂ ଝଗଡ଼ା କରୁଥିବା ଛାତ୍ରଙ୍କୁ ଉସୁକାଉଥିଲେ । କାଗଜ, ବହି ଏବଂ ଖାତା ଶ୍ରେଣୀକକ୍ଷର ଚାରିଆଡ଼େ ବିଛାଡ଼ି ହୋଇ ପଡ଼ିଥିଲା । ଛାତର ଏକ ଛିଦ୍ର ଦେଇ ବର୍ଷା ପାଣି ଶ୍ରେଣୀକକ୍ଷରେ ପଡୁଥିଲା । ଶ୍ରେଣୀକକ୍ଷ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ଅବସ୍ଥାରେ ଥିଲା । ସେ ଛାତ୍ରଛାତ୍ରୀଙ୍କୁ ଶାନ୍ତ କରାଇବାକୁ ଚେଷ୍ଟା କରୁଥିଲାବେଳେ କେତେକ ଛାତ୍ର ବର୍ଷାରେ ଶ୍ରେଣୀକକ୍ଷ ଓଦା ହୋଇଯାଇଥିବା ଏବଂ ସେମାନଙ୍କ ବସିବାସ୍ଥାନ ପାଣିରେ ଜଡ଼ସଡ଼ ହୋଇ ଭିଜିଯାଇଥିବା ଅଭିଯୋଗ କରିଥିଲେ । ଭୂଗୋଳ ପଢ଼ାଇବା ପରିବର୍ତ୍ତେ ଗପ କହିବାକୁ ଆଉ କେତେକ ବିଦ୍ୟାର୍ଥୀ ମି. ବିବେକଙ୍କୁ ପ୍ରସ୍ତାବ ଦେଇଥିଲେ ।

ମି. ବିବେକ ଯେଉଁସବୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ ତୁମେ କଳ୍ପନା କରିପାରୁଥିବ:

- ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଶୃଙ୍ଖଳା
- ଶ୍ରେଣୀକକ୍ଷରେ ବାସ୍ତବ ନିରାପତ୍ତା ଏବଂ ଆରାମର ଅଭାବ
- ଭୂଗୋଳ ପ୍ରତି ବିଦ୍ୟାର୍ଥୀଙ୍କ ଅନାଗ୍ରହ

ଏହି ପ୍ରକାର ଅନେକ ସମସ୍ୟା ଏବଂ ବିଶୃଙ୍ଖଳିତ ପରିସ୍ଥିତି ଉପୁଜିପାରେ । ବିଭିନ୍ନ ମୌଳିକ ଆବଶ୍ୟକତାର ଅଭାବ ଯଥା-ନିଶ୍ଚିତତା, ସୁରକ୍ଷିତ ଏବଂ ସହାନୁଭୂତିପୂର୍ଣ୍ଣ ପରିବେଶ, ପର୍ଯ୍ୟାପ୍ତ ଶିକ୍ଷଣ ସାମଗ୍ରୀ, ଉତ୍ତମ ବିଦ୍ୟାର୍ଥୀ-ବିଦ୍ୟାର୍ଥୀ ଓ ଶିକ୍ଷକ-ବିଦ୍ୟାର୍ଥୀ ସମ୍ପର୍କ, ରୁଚିପୂର୍ଣ୍ଣ ଶିକ୍ଷଣ-ଶିକ୍ଷାଦାନ ପ୍ରକ୍ରିୟା ଏବଂ ବିଦ୍ୟାର୍ଥୀଙ୍କ ମଧ୍ୟରେ ଅନୁଶାସନ ଶୃଙ୍ଖଳାର ଅଭାବ ଶ୍ରେଣୀକକ୍ଷର ଶିକ୍ଷଣ ପ୍ରକ୍ରିୟାରେ ବ୍ୟାଘାତ ସୃଷ୍ଟି କରିଥାଏ । ଚାଳିଶ ବିଦ୍ୟାର୍ଥୀ ବିଶିଷ୍ଟ ଶ୍ରେଣୀରେ ସେମାନଙ୍କ ଶିକ୍ଷଣ ଆବଶ୍ୟକତା ଆଧାରିତ ଅନେକ ସମସ୍ୟା ଯଥା- ମାନସିକ ଭାବନା, ଶ୍ରେଣୀ କକ୍ଷ ମଧ୍ୟରେ ଓ ବାହାରେ ଚାପ ଏବଂ ସେହି ଧରଣର ଅନ୍ୟାନ୍ୟ ସମସ୍ୟା ମଧ୍ୟ ରହିଥାଏ । ବାସ୍ତବରେ ପ୍ରତ୍ୟେକ ଶ୍ରେଣୀରେ ଶିକ୍ଷକଙ୍କୁ ଅନେକ ଅପ୍ରୀତିକର ସମସ୍ୟାର ସାମ୍ନା କରିବାକୁ ପଡ଼େ ଯାହା ଶ୍ରେଣୀ କକ୍ଷର ସୁସ୍ଥ ପରିବେଶକୁ ବିପର୍ଯ୍ୟସ୍ତ କରେ ତଥା ଶିକ୍ଷାଦାନ ଓ ଶିକ୍ଷଣ ପାଇଁ ପ୍ରସ୍ତୁତ ସର୍ବୋତ୍ତମ ପଦ୍ଧତି ଓ କାର୍ଯ୍ୟବିଧି ବ୍ୟାଘାତ ସୃଷ୍ଟି କରେ ।

ତୁମ ଶ୍ରେଣୀକକ୍ଷ ବିଷୟରେ ଚିନ୍ତା କର ଏବଂ ତୁମ ଶ୍ରେଣୀକୁ ଅଧିକାଂଶ ସମୟରେ ବିପର୍ଯ୍ୟସ୍ତ କରୁଥିବା ଦୁଇଟି କାରଣ ଉଲ୍ଲେଖ କର । ଏଣୁ ବିଷୟଗତ ଓ ଶିକ୍ଷଣ ପ୍ରକ୍ରିୟାରେ ଦକ୍ଷତା ସହ ପରିଚାଳନା କୌଶଳ ରହିବା ନିତାନ୍ତ ପ୍ରୟୋଜନ । ପ୍ରତ୍ୟେକ ପିଲାକୁ ଉତ୍ତମ ତଥା ପ୍ରଭାବ ଶାଳୀ ଶିକ୍ଷାଦାନ ପାଇଁ ଶ୍ରେଣୀ ଶିକ୍ଷଣ ନେତୃତ୍ୱର ସଫଳତା ଶିକ୍ଷକଙ୍କ ଉପଯୁକ୍ତ ଶ୍ରେଣୀକକ୍ଷ ପରିଚାଳନା ଦକ୍ଷତା ଉପରେ ନିର୍ଭର କରେ । ଜଣେ ଶିକ୍ଷକ ଭାବରେ ତୁମକୁ ଶ୍ରେଣୀ ପରିଚାଳନା କରିବାର କୌଶଳ ବିକଶିତ କରିବାକୁ ପଡ଼ିବ, ଯେଉଁଥିରେ ପ୍ରତ୍ୟେକ ପିଲାକୁ ଶିକ୍ଷାଗ୍ରହଣ ଓ ବିକାଶର ସୁଯୋଗ ମିଳିପାରିବ । ପ୍ରଭାବଶାଳୀ ଶ୍ରେଣୀ ପରିଚାଳନାର ବିଭିନ୍ନ ଦିଗ ଯଥା- ଶିକ୍ଷାଦାନ ପାଇଁ ଅନୁକୂଳ ପରିବେଶ ସୃଷ୍ଟି, ପ୍ରତ୍ୟେକ ବିଦ୍ୟାର୍ଥୀଙ୍କୁ ସହଭାଗିତା ପାଇଁ ପ୍ରୋତ୍ସାହିତ କରିବା, ଶ୍ରେଣୀରେ ପାରସ୍ପରିକ କ୍ରିୟା ଉପରେ ଗୁରୁତ୍ୱ ପ୍ରଦାନ କରିବା, ପରସ୍ପର ମଧ୍ୟରେ ସମ୍ପର୍କ ସ୍ଥାପନ, ଶିକ୍ଷଣ ବିଷୟ ପ୍ରତି ଦୃଷ୍ଟିନିବଦ୍ଧ କରିବା, ବିଶୃଙ୍ଖଳାକୁ ନିୟନ୍ତ୍ରଣ କରିବା ଆଦି । ଅନ୍ୟ ଶବ୍ଦରେ କହିବାକୁ ଗଲେ, ଶ୍ରେଣୀକକ୍ଷ ପରିଚାଳନା ଶ୍ରେଣୀ ମଧ୍ୟରେ ଯୋଜନା, ନିୟନ୍ତ୍ରଣ ଏବଂ କ୍ରିୟାକଳାପ ପାଇଁ ଉପଯୁକ୍ତ ପାରସ୍ପରିକ ସୁସମ୍ପର୍କ ସ୍ଥାପନର କ୍ଷମତା , ଶିକ୍ଷଣର ପ୍ରସାର ଏବଂ ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ

ଭିନ୍ନଭିନ୍ନ ଆବଶ୍ୟକତା ଓ ଦକ୍ଷତା ଜାଣିବାର କ୍ଷମତାକୁ ବୁଝାଏ ।

ଏହି ଏକକରେ ଶ୍ରେଣୀକାର୍ଯ୍ୟ ପରିଚାଳନାର ତିନିଟି ଦିଗ – ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ଶିକ୍ଷଣ ସ୍ତର ବୃଦ୍ଧି ପାଇଁ ଶ୍ରେଣୀକକ୍ଷ ସ୍ଥିତିରେ ଉନ୍ନତି ଆଣିବା, ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଶିକ୍ଷଣ ପ୍ରତି ଧ୍ୟାନ କେନ୍ଦ୍ରୀଭୂତ କରାଇବାକୁ ସକ୍ଷମ କରାଇବା ନିମନ୍ତେ ଉପଲବ୍ଧ ସମୟ ଓ ସ୍ଥାନର ବ୍ୟବହାର କରିବା ଏବଂ ଛାତ୍ରଛାତ୍ରୀଙ୍କ ଶିକ୍ଷଣ ବୃଦ୍ଧି ନିମନ୍ତେ ଶ୍ରେଣୀକକ୍ଷରେ ଶୃଙ୍ଖଳା ରକ୍ଷା ପାଇଁ ପ୍ରବର୍ତ୍ତାଇବା ଅନ୍ୟତମ ।

## ୫.୧ ଶିକ୍ଷଣ ଉଦ୍ଦେଶ୍ୟ

ଏହି ଅଧ୍ୟାୟ ଶେଷ କରିବା ପରେ ତୁମେ ସକ୍ଷମ ହେବ :

- ତୁମ ଶ୍ରେଣୀ କକ୍ଷରେ ବିଦ୍ୟାର୍ଥୀ ଅନୁକୂଳ ଶିକ୍ଷଣ ପରିବେଶ ସୃଷ୍ଟି କରିବାରେ
- ଶ୍ରେଣୀକକ୍ଷରେ ପ୍ରଭାବୀ ଶିକ୍ଷଣ ପ୍ରସାର ପାଇଁ ଛାତ୍ରଛାତ୍ରୀଙ୍କ ଉପଯୁକ୍ତ ଦଳରେ ବିଭକ୍ତ କରିବାରେ
- ବିଦ୍ୟାର୍ଥୀଙ୍କ ଶିକ୍ଷଣ ପାଇଁ ଶ୍ରେଣୀକକ୍ଷରେ ଉପଲବ୍ଧ ସମୟ ଓ ସ୍ଥାନର ଉତ୍ତମ ବିନିଯୋଗ ପାଇଁ ଯୋଜନା କରିବାରେ
- ଶ୍ରେଣୀ କକ୍ଷରେ କ୍ରିୟାକଳାପ ଆଧାରିତ ପଦ୍ଧତି ବ୍ୟବହାର ସମୟରେ ବିଭିନ୍ନ କ୍ରିୟାକଳାପ ପାଇଁ ଭିନ୍ନଭିନ୍ନ ପ୍ରକାରର ଉପବେସନ ବ୍ୟବସ୍ଥା କରିବାରେ
- ଶିକ୍ଷଣ କ୍ରିୟାକଳାପର ସୁଗମ ପରିଚାଳନା ନିମନ୍ତେ ଶିକ୍ଷଣ ତଥା ଶ୍ରେଣୀରେ ଶୃଙ୍ଖଳା ରକ୍ଷା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିବାରେ ସକ୍ଷମ ହେବ

## ୫.୨ ଶିକ୍ଷଣ ପରିସ୍ଥିତି ପରିଚାଳନା

ଶ୍ରେଣୀକକ୍ଷରେ ଶିକ୍ଷଣ ପ୍ରତି ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ଆଗ୍ରହ ସୃଷ୍ଟି ପାଇଁ ପରିସ୍ଥିତି ଓ ସୁଯୋଗ ସୃଷ୍ଟି କରିବା ଜଣେ ଶିକ୍ଷକଙ୍କ ଅନ୍ୟତମ ମୌଳିକ କାର୍ଯ୍ୟ । ଶିକ୍ଷଣ ଅନୁକୂଳ ପରିସ୍ଥିତି ସୃଷ୍ଟି ସଂକ୍ରାନ୍ତ ଭାବନା ମନକୁ ଆସିଲେ ପ୍ରଥମେ ନିଜ ଶ୍ରେଣୀ କକ୍ଷ ଏବଂ ଏହାର ପରିବେଶର ଉପାଦାନଗୁଡ଼ିକ ଚିହ୍ନଟ ପାଇଁ ଚେଷ୍ଟା କର ।

ଟିପ୍ପଣୀ

କେତେକ ସମାନ ବୟସର ଛାତ୍ରଛାତ୍ରୀ ଏବଂ ଶିକ୍ଷାଦାନ ଓ ପିଲାଙ୍କ ଶିକ୍ଷଣକୁ ସୁଗମ କରୁଥିବା ଜଣେ ଶିକ୍ଷକଙ୍କୁ ନେଇ ଏକ ଶ୍ରେଣୀ ଗଠିତ । ଜଣେ ଶ୍ରେଣୀ ଶିକ୍ଷକ ସବୁ ପିଲାମାନଙ୍କୁ ଭଲଭାବେ ଜାଣିଥାନ୍ତି । ସାଧାରଣତଃ ଆଦର୍ଶ ଭିତ୍ତିଭୂମି ଦୃଷ୍ଟିରୁ ଗୋଟିଏ ଶ୍ରେଣୀ ପାଇଁ ଗୋଟିଏ ଶ୍ରେଣୀକକ୍ଷ ବ୍ୟବସ୍ଥା ହୋଇଥାଏ । ମାତ୍ର କେତେକ ବିଦ୍ୟାଳୟରେ ଶ୍ରେଣୀଠାରୁ ପ୍ରକୋଷ୍ଠ (କକ୍ଷ) ସଂଖ୍ୟା କମ୍ ଥାଏ । ସେହିସବୁ ବିଦ୍ୟାଳୟରେ ଗୋଟିଏ ପ୍ରକୋଷ୍ଠକୁ ଏକାଧିକ ଶ୍ରେଣୀକକ୍ଷ ରୂପେ ବ୍ୟବହାର କରାଯାଇଥାଏ । (ମଲ୍ଟି ଗ୍ରେଡ୍ କ୍ଲାସ୍ ପାଇଁ ଏକକ ୭ ଦେଖ)

ଶିକ୍ଷକ ଏବଂ ବିଦ୍ୟାର୍ଥୀଙ୍କ ବ୍ୟତୀତ ଶ୍ରେଣୀକକ୍ଷ ପରିବେଶରେ ଆଉ କେଉଁସବୁ ଉପାଦାନ ଥାଏ ?

ପରିସ୍ଥିତି-୧କୁ ବିଚାର କର ଯେଉଁଠାରେ ମି. ବିବେକ ପଢ଼ାଇବାକୁ ଯାଇଥିବା ଶ୍ରେଣୀକକ୍ଷ ଛାତରୁ ପାଣି ଝରୁଥିଲା, ଚଟାଣ ଓ ଆସନ ଓଦା ହୋଇଥିଲା ଏବଂ ଆସନ ଏବଂ ଅନ୍ୟାନ୍ୟ ସାମଗ୍ରୀ କକ୍ଷ ସାରା ଇତସ୍ତତ ପଡ଼ିଥିଲା । ନିଶ୍ଚିତଭାବେ ଏହିସବୁ ପରିସ୍ଥିତିରେ ଶିକ୍ଷଣକାର୍ଯ୍ୟ ପ୍ରତି ବିଦ୍ୟାର୍ଥୀଙ୍କ ଧ୍ୟାନ କେନ୍ଦ୍ରୀଭୂତ କରିବା ଅନୁକୂଳ ନୁହେଁ । ମି. ବିବେକଙ୍କ ସ୍ଥାନରେ ତୁମେ ଥିଲେ କ'ଣ କରିଥାନ୍ତ ? ନିଶ୍ଚିତଯେ, ତୁମେ ଶ୍ରେଣୀକକ୍ଷକୁ ସୁରକ୍ଷିତ, ନିରାପଦ ଓ ଆରାମଦାୟକ କରିବା ପାଇଁ ପ୍ରଯତ୍ନ କରିଥାନ୍ତ । ଏହା ଏକ ଶ୍ରେଣୀକକ୍ଷର ବାସ୍ତବ ସ୍ଥିତି; ଯାହା ବିଦ୍ୟାର୍ଥୀଙ୍କୁ ନିରାପତ୍ତା ଏବଂ ଆରାମ ପ୍ରଦାନ କରେ । ଶିକ୍ଷଣକୁ ସୁଗମ କରିବା ପାଇଁ ଉଭୟ ଶିକ୍ଷକ ଓ ବିଦ୍ୟାର୍ଥୀ ବ୍ୟବହାର କରୁଥିବା ସାଧନ ସାମଗ୍ରୀ ଶ୍ରେଣୀକକ୍ଷରେ ଉପଲବ୍ଧ କରାଇବା ଶ୍ରେଣୀକକ୍ଷର ବାସ୍ତବ (ଭୌତିକ) ପରିବେଶର ଆଉ ଏକ ପ୍ରମୁଖ ଉପାଦାନ ଅଟେ ।

ମନେକରାଯାଉ ତୁମପାଇଁ ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ଏକ ସୁସ୍ଥ ଭୌତିକ ପରିବେଶ ଏବଂ ଛାତ୍ରଛାତ୍ରୀଙ୍କ ବ୍ୟବହାର ଉପଯୋଗୀ ପଠନସାମଗ୍ରୀ ଉପଲବ୍ଧ ଥିବା ଏକ ଶ୍ରେଣୀକକ୍ଷ ରହିଛି । ଏସବୁ ଅନୁକୂଳ ପରିବେଶ ସତ୍ତ୍ୱେ ତୁମେ ଲକ୍ଷ୍ୟ କରିବ ଯେ ଛାତ୍ରଛାତ୍ରୀମାନେ ପରସ୍ପର ସହ କଳି କରୁଛନ୍ତି ଏବଂ ଏହାକୁ ନେଇ ତୁମେ ସମ୍ପୂର୍ଣ୍ଣ ହତୋତ୍ସାହିତ ହୋଇପଡୁଛ । ଏଥିରୁ ଏହା ସ୍ପଷ୍ଟ ଯେ ତୁମ ଶ୍ରେଣୀକକ୍ଷର ପରିବେଶ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟା ଜାରି ରଖିବା ପାଇଁ

ଟିପ୍ପଣୀ

ଅନୁକୂଳ ନୁହେଁ । ଏଣୁ, ଶ୍ରେଣୀକକ୍ଷ ପରିବେଶକୁ ଶିକ୍ଷାର୍ଥୀ ଅନୁକୂଳ କରିବା ପାଇଁ ତିନିଟି ଦିଗ ପ୍ରତି ଧ୍ୟାନ ଦେବାକୁ ହେବ ।

**ପ୍ରଶ୍ନ.୧ ଶ୍ରେଣୀକକ୍ଷ ପରିବେଶର ତିନିଟି ମୌଳିକ ଉପାଦାନର ନାମଲେଖ ଏବଂ ଏହାକୁ ପ୍ରତିଫଳିତ କର ।**

### ୫.୨.୧ ବିଦ୍ୟାର୍ଥୀ ହିତୈଷୀ / ଅନୁକୂଳ ପରିବେଶ ଗଠନ

ଶ୍ରେଣୀକକ୍ଷ ପରିବେଶ ଏପରି ହେବା ଉଚିତ ଯେପରି ପ୍ରତ୍ୟେକ ପିଲା ଖୁସି ଓ ଆନନ୍ଦ ଅନୁଭବ କରିବେ ଏବଂ ଶିକ୍ଷଣ ନିମନ୍ତେ ନିଜର ସମ୍ପୂର୍ଣ୍ଣ ଶକ୍ତି ବିନିଯୋଗ କରିବାକୁ ପ୍ରୋତ୍ସାହିତ ହେବେ ।

ଶ୍ରେଣୀ ପରିଚାଳନା ଦୃଷ୍ଟିରୁ ଏକ ଶ୍ରେଣୀକୁ ତିନିଟି ସମ୍ଭାବ୍ୟ ବର୍ଗରେ ବିଭକ୍ତ କରାଯାଇପାରେ । ସେଗୁଡ଼ିକ ହେଲା-ଅଚଳ, ପର୍ଯ୍ୟାପ୍ତ ଓ ବ୍ୟବସ୍ଥିତ ।

- **ଅଚଳ ଶ୍ରେଣୀକକ୍ଷ ପରିବେଶ**ରେ ଅଧିକାଂଶ ସମୟରେ ଗହଳଚହଳ ଲାଗିଥାଏ । ବିଦ୍ୟାର୍ଥୀଙ୍କୁ ନିୟନ୍ତ୍ରଣ କରିବା ପାଇଁ ଶିକ୍ଷକ ଅନବରତ ପ୍ରୟାସ ଚଳାଇଥାନ୍ତି । ଏହି ପରିବେଶରେ କମ୍ ଶିକ୍ଷାଦାନ ସମ୍ଭବ ହୋଇଥାଏ । ପ୍ରକୃତରେ ଏହି ପ୍ରକାର ପରିବେଶଯୁକ୍ତ ଶ୍ରେଣୀକକ୍ଷରେ ଶିକ୍ଷାଦାନ ଶିକ୍ଷଣ ସମ୍ଭବ ହୁଏ ନାହିଁ କହିଲେ ଚଳିବ ।
- **ପର୍ଯ୍ୟାପ୍ତ ଶ୍ରେଣୀ ପରିବେଶ:** ଏହି ଧରଣର ଶ୍ରେଣୀକକ୍ଷ ପରିବେଶରେ କିଛି ମାତ୍ରାରେ ଶୃଙ୍ଖଳା ରହିଥାଏ ଏବଂ ଅଧିକ ଶୃଙ୍ଖଳିତ କରିବାକୁ ଶିକ୍ଷକଙ୍କୁ ପ୍ରଯତ୍ନ କରିବାକୁ ପଡ଼େ । ଏହି ଧରଣର ପରିବେଶରେ ଆଂଶିକ ଶିକ୍ଷାଦାନ ସମ୍ଭବ ହୋଇଥାଏ ।
- **ବ୍ୟବସ୍ଥିତ ଶ୍ରେଣୀକକ୍ଷ ପରିବେଶ:** ଏହା ଦୁଇ ପ୍ରକାରର । ୧-ନିୟନ୍ତ୍ରିତ, ୨-ସୌହାର୍ଦ୍ଦ୍ୟପୂର୍ଣ୍ଣ ।
  - ବ୍ୟବସ୍ଥିତ ନିୟନ୍ତ୍ରିତ ଶିକ୍ଷଣ ପରିବେଶରେ ଶ୍ରେଣୀକକ୍ଷ ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ଥାଏ । ସେଠାରେ ଶିକ୍ଷକ ଏକ ଉଚ୍ଚକୋଟିର ଶିକ୍ଷଣ ସଂରଚନା ପ୍ରସ୍ତୁତ କରିଥାନ୍ତି, ନିୟମକୁ କଡ଼ାକଡ଼ିଭାବେ ପାଳନ କରାଯାଏ ଏବଂ ଆଦେଶାତ୍ମକ କାର୍ଯ୍ୟନୀତି ଅନୁପାଳନ କରାଯାଇଥାଏ ।

- ବ୍ୟବସ୍ଥିତ ସୌହାର୍ଦ୍ଦ୍ୟପୂର୍ଣ୍ଣ ଶିକ୍ଷଣ ପରିବେଶ ଥିବା ଶ୍ରେଣୀକକ୍ଷଗୁଡ଼ିକ ଢିଲା ସଂରଚନା ତୁଳନାରେ ସୂଚାରୁ ରୂପେ ପରଚାଳିତ ହୋଇଥାନ୍ତି । ଏହି ଶ୍ରେଣୀକକ୍ଷରେ ଶିକ୍ଷକ ଶିକ୍ଷାଦାନ ଆଇନ ଓ ଅନୁଶାସନମୂଳକ କାର୍ଯ୍ୟନୀତିର ଉପଯୋଗ କରିଥାନ୍ତି ଏବଂ ବିଦ୍ୟାର୍ଥୀଙ୍କୁ ବିଷୟବସ୍ତୁକୁ ଅଧିକ ଅର୍ଥପୂର୍ଣ୍ଣ ଢଙ୍ଗରେ ବୁଝାଯାଇଥାଏ ।

  (ଏଜୁକେଶନାଲ୍ ରିସର୍ଚ୍ଚ ସର୍ଭିସ୍, ୧୯୯୩)

ଉପର ଆଲୋଚନାରୁ ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ ।

**ପ୍ରଶ୍ନ-୨ କେଉଁ ପ୍ରକାରର ଶ୍ରେଣୀକକ୍ଷ ପରିବେଶ ବିଦ୍ୟାର୍ଥୀଙ୍କ ଶିକ୍ଷଣ ପାଇଁ ଅଧିକ ସୌହାର୍ଦ୍ଦ୍ୟପୂର୍ଣ୍ଣ ଓ ପ୍ରଭାବୀ ଏବଂ କାହିଁକି ?**

ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ଶିକ୍ଷଣ ପରିବେଶ ସୃଷ୍ଟି ପାଇଁ ନିଜ ଶ୍ରେଣୀ ଏକ ଉପଯୁକ୍ତ, ଆରାମଦାୟକ ଭୌତିକ ପରିବେଶ ବିଶିଷ୍ଟ ହୋଇଥିବା ତୁମେ ଚାହିଁବ ନିଶ୍ଚୟ ।

- **ଶ୍ରେଣୀକକ୍ଷର ଭୌତିକ ପରିବେଶ**

ଏକ ଉତ୍ତମ ଶ୍ରେଣୀକକ୍ଷ ଉଭୟ ଶିକ୍ଷକ ଓ ବିଦ୍ୟାର୍ଥୀଙ୍କ ପାଇଁ ଦୂରରେ ଅବସ୍ଥିତ ବାସଗୃହ ସଦୃଶ । ତେଣୁ ଏହା ସୁରକ୍ଷିତ, ଅନୁକୂଳ, ଆକର୍ଷଣୀୟ ତଥା କ୍ରିୟାତ୍ମକ ହୋଇଥାଏ ଏବଂ ପିଲାମାନଙ୍କ ଶ୍ରେଣୀ, ବୟସର ଔଚିତ୍ୟ ଏବଂ ଶିକ୍ଷକ ତଥା ପିଲାମାନେ ସମ୍ପାଦନ କରିବାକୁ ଥିବା ଶିକ୍ଷଣ କାର୍ଯ୍ୟ ତଥା ଭାବ ବିନିମୟ ଆଦି କ୍ରିୟାକଳାପକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଥାଏ । ଏକ ଉତ୍ତମ ଶ୍ରେଣୀର ପରିବେଶ ଶ୍ରେଣୀର ଆବଶ୍ୟକତା ଅନୁସାରେ ହୋଇଥାଏ । ଶ୍ରେଣୀର ଭୌତିକ ପରିବେଶରେ ବିଦ୍ୟାର୍ଥୀ ଓ ଶିକ୍ଷକଙ୍କ ପ୍ରକୃତିକୁ ଦର୍ଶାଏ । ପୂର୍ବରୁ ଉଲ୍ଲେଖ କରାଯିବା ପରି, ଏକ ଶ୍ରେଣୀକକ୍ଷର ଭୌତିକ ପରିବେଶର ଦୁଇଟି ପ୍ରମୁଖ ଅଙ୍ଗ ରହିଛି: ଭୌତିକ ଅବସ୍ଥା ଏବଂ ଶ୍ରେଣୀକକ୍ଷରେ ଉପଲବ୍ଧ ସାଧନ ସାମଗ୍ରୀ ।

- **ଶ୍ରେଣୀକକ୍ଷର ଭୌତିକ ଅବସ୍ଥା**

ଭିତ୍ତିଭୂମି ସୁବିଧା ଓ ଏହାର ରକ୍ଷଣାବେକ୍ଷଣକୁ ବୁଝାଏ । ଶ୍ରେଣୀକକ୍ଷ ଏକ ଝରମୁକ୍ତ ଛାତ ଥିବା କୋଠା ଘରେ ହୋଇଥିବା ଆବଶ୍ୟକ । କାନ୍ଥ ଓ ଚଟାଣ ଭଲଭାବେ ପ୍ଲାଷ୍ଟର କରାଯାଇଥିବା ଆବଶ୍ୟକ । ଦ୍ୱାର ଓ ଝରକା ଗୁଡ଼ିକୁ ଧାରମୁକ୍ତ କରାଯାଇଥିବା ଉଚିତ,

ଟିପ୍ପଣୀ

ଯେମିତି କୌଣସି ବିଦ୍ୟାର୍ଥୀ ଆଘାତପ୍ରାପ୍ତ ନହୁଅନ୍ତି । କକ୍ଷର ଝରକା ଓ ଦ୍ୱାରଗୁଡ଼ିକ ବଡ଼ବଡ଼ ହୋଇଥିବା ଏବଂ କକ୍ଷକୁ ପର୍ଯ୍ୟାପ୍ତ ଆଲୋକ ତଥା ବାୟୁ ଚଳାଚଳ କରୁଥିବା ଉଚିତ । କକ୍ଷର ଦ୍ୱାର ଓ ଝରକାଗୁଡ଼ିକ ପରସ୍ପର ସମ୍ମୁଖରେ ଥିବା ଉଚିତ; ଯାହା ଦ୍ୱାରା କକ୍ଷଟି ପିଲାମାନଙ୍କ ପାଇଁ ଆରାମଦାୟକ ଓ ଫୁର୍ତ୍ତିପ୍ରଦ ହେବ । ଏସବୁ ସୁବିଧାସୁଯୋଗ ନଥିଲେ ବିଦ୍ୟାର୍ଥୀଙ୍କ ଧ୍ୟାନ ବ୍ୟାହତ ହେବା ଆଶଙ୍କା ରହିଛି । ଶ୍ରେଣୀକକ୍ଷ ବାହାରେ ଗଛଗୁଡ଼ିକ ସୁନ୍ଦର ଓ ମନଲୋଭା ହୋଇଥିବା ଉଚିତ । ଫଳରେ ଶ୍ରେଣୀକକ୍ଷ ମଧ୍ୟରୁ ବାହାରର ପରିବେଶ ସୁନ୍ଦର ଦେଖାଯିବ ଏବଂ କକ୍ଷ ମଧ୍ୟକୁ ଉତ୍ତମ ବାୟୁ ଚଳାଚଳ କରିବ । ଯେକୌଣସି ପ୍ରକାର ଦଳଗତ କ୍ରିୟା ପାଇଁ ଶ୍ରେଣୀକକ୍ଷରେ ପର୍ଯ୍ୟାପ୍ତ ସ୍ଥାନ ରହିଥିବା ଆବଶ୍ୟକ । ଏହା ମନେ ରଖିବା ଉଚିତ ଯେ ଶ୍ରେଣୀକକ୍ଷ ବାତାବରଣ ସର୍ବଦା ଛାତ୍ରହିତୈଷୀ ଏବଂ ନିରାପଦ ହେବା ଜରୁରୀ ।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଯାହାକୁ ଆମେ ପର୍ଯ୍ୟାପ୍ତ ଧ୍ୟାନ ଦେଇନଥାଉ, ତାହା ହେଲା ଶ୍ରେଣୀକକ୍ଷ ଭୌତିକ ସ୍ଥିତିର ଉପଯୁକ୍ତ ରକ୍ଷଣାବେକ୍ଷଣ । କାନ୍ଥ ବା ଚଟାଣର କୌଣସି ସାମାନ୍ୟତମ କ୍ଷୟକ୍ଷତିକୁ ଦେଖିବା ମାତ୍ରେ ତୁରନ୍ତ ମରାମତି କରାଯିବା ଆବଶ୍ୟକ । ଶ୍ରେଣୀକକ୍ଷ ସମ୍ପୂର୍ଣ୍ଣ ପରିଷ୍କାର ଓ ପରିଚ୍ଛନ୍ନ ହୋଇଥିବା ଉଚିତ । ଏହା କେବଳ ଯେ ଏକ ସୁସ୍ଥ ଶ୍ରେଣୀକକ୍ଷ ପରିବେଶ ସୃଷ୍ଟି କରିବ ତା' ନୁହେଁ, ଏହା ମଧ୍ୟ ବିଦ୍ୟାର୍ଥୀଙ୍କୁ ଉନ୍ନତ ପରିମଳ ଓ ସ୍ୱାସ୍ଥ୍ୟକର ପରିବେଶ ପ୍ରତି ପିଲାଟି ଦିନରୁ ପ୍ରେରଣା ଯୋଗାଇବ । ଶ୍ରେଣୀକକ୍ଷରେ ପରିଚ୍ଛନ୍ନତା ବଜାୟ ରଖିବା ପାଇଁ ତୁମେ ଛାତ୍ରଛାତ୍ରୀଙ୍କୁ ସାମିଲ କରିବା ଆବଶ୍ୟକ । ବିଶେଷକରି ବିଦ୍ୟାଳୟ କ୍ରିୟାକଳାପ ଆରମ୍ଭ ହେବା ପୂର୍ବରୁ ଏବଂ ବିଦ୍ୟାଳୟ ଛୁଟି ପୂର୍ବରୁ ଶ୍ରେଣୀକକ୍ଷକୁ ପରିଷ୍କାର କରାଯିବା ଉଚିତ । ଶିକ୍ଷାଦାନ ସମୟରେ ବିଭିନ୍ନ ଶିକ୍ଷଣ କ୍ରିୟାକଳାପରେ ବ୍ୟବହୃତ କରାଯାଇଥିବା ବର୍ଜ୍ୟ ସାମଗ୍ରୀ ଯଥା- ଚିରା କାଗଜ, ପତ୍ର, ଫୁଲ, ଚକ୍ ଖଣ୍ଡ ଏବଂ ଛିଣ୍ଡା (ଭଙ୍ଗା) ଷ୍ଟିକର ଆଦି ଶ୍ରେଣୀକକ୍ଷରେ ଏଣେତେଣେ ପଡ଼ିଥିବା ତୁମେ ଲକ୍ଷ୍ୟ କରିଥିବ । ସେସବୁକୁ ଗୋଟିଏ ସ୍ଥାନରେ ପକାଇବା ପାଇଁ ତୁମେ ଶ୍ରେଣୀକକ୍ଷର ଏକ କୋଣରେ ଏକ କାର୍ଟୁନ୍ ଖୋଳ ବା ପ୍ଲାଷ୍ଟିକ ବାକ୍ସ ରଖିଲେ ଏହି ସମସ୍ୟା ଉପୁଜିବ ନାହିଁ । ପରେ ଏକାଠି

କରାଯାଇଥିବା ଅଳିଆ ଓ ବର୍ଜ୍ୟକୁ ବିଦ୍ୟାଳୟ ପରିସରରେ ଥିବା ଅଳିଆଗଦାରେ ପକାଇବା ଉଚିତ । ଏହା ଦ୍ୱାରା ଶ୍ରେଣୀକକ୍ଷ ସ୍ୱଚ୍ଛ ଓ ପରିଷ୍କାର ରହିବା ସହ ପିଲାମାନେ ମଧ୍ୟ ଆରମ୍ଭରୁ ସ୍ୱଚ୍ଛତା ବିଷୟରେ ଜ୍ଞାନଲାଭ କରିପାରିବେ ଏବଂ ଏହି ଅଭ୍ୟାସ ନିଜ ନିଜ ଘରେ ମଧ୍ୟ ଆପଣେଇ ପାରିବେ ।

ଶ୍ରେଣୀକକ୍ଷ ସ୍ଥାନ ବିଶେଷକରି କାନ୍ଥ ଓ ଚଟାଣକୁ ବିଦ୍ୟାର୍ଥୀ ଅନୁକୂଳ (ହିତୈଷୀ) ଉପଯୋଗୀ ସଜ୍ଜିତ କରାଯିବା ଉଚିତ । ଏହି ପ୍ରକାର ସାଜସଜ୍ଜା ଶ୍ରେଣୀକକ୍ଷ ପରିବେଶର ସୁନ୍ଦରତା ବଢ଼ାଏ ଏବଂ ଶିକ୍ଷଣ ସୁଗମ କରିବା ପାଇଁ ବିଦ୍ୟାର୍ଥୀଙ୍କୁ ଆକର୍ଷିତ କରିଥାଏ । (ସ୍ଥାନ ପରିଚାଳନା ପାଇଁ ବିଭାଗ ୫.୩.୨ ଅନୁସରଣ କର) । ବସିବା ବ୍ୟବସ୍ଥା ଏପରି ବ୍ୟବସ୍ଥିତ ହେବା ଉଚିତ ଯେପରି ବିଦ୍ୟାର୍ଥୀମାନେ ଏହି ପ୍ରକାର ବ୍ୟବସ୍ଥାରେ ପରସ୍ପର ସହ ଅଧିକ ନିକଟତର ହେବା ଅନୁଭବ କରିବେ (ସବିଶେଷ ବିବରଣୀ ପାଇଁ ୫.୩.୩ ଦେଖ)

ତୁମେ ଶ୍ରେଣୀକକ୍ଷ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାରେ ନିୟୋଜିତ ଥିବା ସମୟରେ ତୁମେ ଶିକ୍ଷାଦାନ-ଶିକ୍ଷଣ ସାମଗ୍ରୀ (ଟିଏଲ୍ଏମ୍) ସମେତ ଏକାଧିକ ସାମଗ୍ରୀ ଯଥା- ଲିଖନ ପଟା (କଳା ବା ଧଳା), ପ୍ରଦର୍ଶନ ବୋର୍ଡ଼, ବସିବା ଓ ସାଇତି ରଖିବା ପାଇଁ ସାମଗ୍ରୀ/ ଆସବାବପତ୍ର ଇତ୍ୟାଦି ଆବଶ୍ୟକ କରିବ । ତୁମ ଦ୍ୱାରା ଓ ବିଦ୍ୟାର୍ଥୀଙ୍କ ଦ୍ୱାରା ସେହିସବୁ ସାମଗ୍ରୀର ବ୍ୟବହାର ଓ ମହଜୁଦୀକରଣ ଏବଂ ଶ୍ରେଣୀକକ୍ଷ ଭୌତିକ ପରିବେଶର ଯତ୍ନ ଏକ ପ୍ରମୁଖ ଅଂଶ । ଶ୍ରେଣୀକକ୍ଷରେ ସାମଗ୍ରୀ ପରିଚାଳନାର ଏହି ସବୁ ଦିଗ ସମ୍ପର୍କରେ ଏହି ଭାଗର ପରବର୍ତ୍ତୀ ଏକକରେ ସବିସ୍ତୃତ ଆଲୋଚନା କରାଯାଇଛି ।

**କ୍ରିୟାକଳାପ-୧**

ଶ୍ରେଣୀ ଶିକ୍ଷକଭାବେ ଶ୍ରେଣୀକକ୍ଷର ଭୌତିକ ପରିବେଶର ଗୁଣବତ୍ତା ବୃଦ୍ଧି ପାଇଁ ତୁମ ଭୂମିକା (କାର୍ଯ୍ୟ)ର ଏକ ତାଲିକା ପ୍ରସ୍ତୁତ କର ।

..................................................................................

..................................................................................

..................................................................................

ଟିପ୍ପଣୀ

ତୁମେ ଏହି ତାଲିକା ପ୍ରସ୍ତୁତି ଶେଷ କରିବା ପରେ ନିମ୍ନରେ ପ୍ରଦାନ କରାଯାଇଥିବା ତାଲିକା ସହ ତାହାକୁ ତୁଳନା କର ।

ଶ୍ରେଣୀକକ୍ଷର ଭୌତିକ ପରିବେଶର ଗୁଣବତ୍ତା ବୃଦ୍ଧି କ୍ଷେତ୍ରରେ ଶିକ୍ଷକଙ୍କ ନିମ୍ନଲିଖିତ ଭୂମିକା ରହିଛି:

- ଶ୍ରେଣୀକକ୍ଷ ରହିଥିବା କୋଠାର ସ୍ଥାୟିତ୍ୱ ଓ ନିରାପତ୍ତା ସଂକ୍ରାନ୍ତରେ ସୁନିଶ୍ଚିତ ହେବା । ଦ୍ୱାର ବା ଚଟାଣରେ ଆବଶ୍ୟକ ମରାମତି କାର୍ଯ୍ୟ ତୁରନ୍ତ ଶେଷ କରିବା ।
- ବିଦ୍ୟାଳୟ କୋଠାର ନିୟମିତ ରକ୍ଷଣାବେକ୍ଷଣ ପ୍ରସଙ୍ଗରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଧ୍ୟାନ ଆକର୍ଷଣ କରିବା ।
- ଚିତ୍ରାଙ୍କନ ଓ କ୍ରିୟାକଳାପ ଚାର୍ଟ ଜରିଆରେ ଶ୍ରେଣୀକକ୍ଷ କାନ୍ଥ/ପାଚେରୀର ସୌନ୍ଦର୍ଯ୍ୟକରଣ କରିବାକୁ ବିଦ୍ୟାର୍ଥୀଙ୍କୁ ପ୍ରବର୍ତ୍ତାଇବା ।
- ଶ୍ରେଣୀ ଆରମ୍ଭ ଏବଂ ବିଦ୍ୟାଳୟ ସମୟ ସମାପ୍ତ ପୂର୍ବରୁ ଶ୍ରେଣୀକକ୍ଷ ପରିଷ୍କାର ଥିବା ସଂପର୍କରେ ନିଶ୍ଚିତ ହେବା । ଶ୍ରେଣୀକକ୍ଷ ପରିଷ୍କାର ରଖିବା, ଅଳିଆ ଗଦାରେ ଅଳିଆ ପକାଇବା ଇତ୍ୟାଦି କାର୍ଯ୍ୟ ଶିକ୍ଷକ ଓ ଛାତ୍ରଛାତ୍ରୀ ମିଳିମିଶି କରିବା ପାଇଁ ବିଦ୍ୟାର୍ଥୀଙ୍କୁ ପ୍ରୋତ୍ସାହିତ କରିବା ।
- ଶ୍ରେଣୀକକ୍ଷ ଅଳିଆ ବା ବର୍ଜ୍ୟବସ୍ତୁ ବ୍ୟବସ୍ଥିତ ଢଙ୍ଗରେ ପକାଇବା ପାଇଁ ଶ୍ରେଣୀକକ୍ଷରେ ଏକ ଅଳିଆଡବା ରଖିବା ।
- ବ୍ୟବହାର ପରେ ସମସ୍ତ ସାମଗ୍ରୀ ଠିକ୍ ସ୍ଥାନରେ ଏବଂ ବ୍ୟବସ୍ଥିତ ଢଙ୍ଗରେ ରଖାଯାଇଥିବା ନିଶ୍ଚିତ କରିବା ।

– **ଶ୍ରେଣୀକକ୍ଷରେ ମାନବୀୟ ସମ୍ପର୍କ**

ସ୍ୱୟଂ ଜଣେ ଛାତ୍ର ବା ଶିକ୍ଷକ ଭାବରେ ତୁମର ଅଭିଜ୍ଞତା ଥିବ ଯେ ଶିକ୍ଷକଙ୍କ ମଧ୍ୟରୁ କେତେକ ଶିକ୍ଷକଙ୍କ ସହ ଆଲୋଚନା ପର୍ଯ୍ୟାଲୋଚନା କରିବାକୁ ବିଦ୍ୟାର୍ଥୀମାନେ

ଭଲ ପାଆନ୍ତି । ସମ୍ପୃକ୍ତ ଶିକ୍ଷକଙ୍କୁ ସେମାନେ ସହଜରେ ପ୍ରଶ୍ନ କରିପାରନ୍ତି ଏବଂ ତାଙ୍କୁ ସମ୍ମାନ ପ୍ରଦର୍ଶନ କରନ୍ତି । ତାଙ୍କର ସମସ୍ତ କଥାକୁ ସେମାନେ ପାଳନ ମଧ୍ୟ କରିଥାନ୍ତି । ସେହି ଶିକ୍ଷକମାନେ ବିଦ୍ୟାର୍ଥୀଙ୍କ ଆବଶ୍ୟକତା ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ ଥା'ନ୍ତି । ବିଦ୍ୟାର୍ଥୀଙ୍କ ସୁଖ-ଦୁଃଖ ସେ ଶୁଣନ୍ତି ଏବଂ କୌଣସି ବିଦ୍ୟାର୍ଥୀ ସମସ୍ୟାରେ ପଡ଼ିଥିଲେ ତାଙ୍କୁ ସାହାଯ୍ୟ କରିବା ପାଇଁ ସେ ସର୍ବଦା ପ୍ରସ୍ତୁତ ଥାନ୍ତି । ତୁମେ ଆହୁରି ମଧ୍ୟ ଲକ୍ଷ୍ୟ କରିଥିବ, ସେହି ଶିକ୍ଷକଙ୍କ ଶ୍ରେଣୀର ପିଲାମାନଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ଥାଏ ଏବଂ ସେମାନେ ସମ୍ପୃକ୍ତ ଶିକ୍ଷକ ଶିକ୍ଷାଦାନ କରୁଥିବା ବିଷୟରେ ଅନ୍ୟମାନଙ୍କ ତୁଳନାରେ ଭଲ ପ୍ରଦର୍ଶନ କରିଥାନ୍ତି ।

ଏଣୁ ଆମେ କହିପାରିବା, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିବିଡ଼ତା ମାନବୀୟ ସମ୍ପର୍କର ଉତ୍କର୍ଷତା ପ୍ରତିପାଦିତ କରେ । କୌଣସି ଶ୍ରେଣୀକକ୍ଷରେ ଦୁଇ ପ୍ରକାରର ସମ୍ପର୍କ ଥାଏ: 'ଶିକ୍ଷକ-ବିଦ୍ୟାର୍ଥୀ' ଏବଂ 'ବିଦ୍ୟାର୍ଥୀ-ବିଦ୍ୟାର୍ଥୀ' । ଏହି ସମ୍ପର୍କ ପାରସ୍ପରିକ ବୁଝାମଣା, ସମ୍ମାନ ଏବଂ ସହଯୋଗ ଆଧାରିତ ହୋଇଥିଲେ ଶ୍ରେଣୀକକ୍ଷ କ୍ରିୟାକଳାପ ପରିଚାଳନା କରିବା ଶିକ୍ଷକଙ୍କ ପାଇଁ ସହଜ ହୋଇଥାଏ । ଶିକ୍ଷଣ ଅନୁକୂଳ ମାନବୀୟ ପରିବେଶ ଗଠନ ପାଇଁ ତୁମକୁ ନିମ୍ନଲିଖିତ ବିଷୟକୁ ଧ୍ୟାନ ଦେବାକୁ ପଡ଼ିବ :

**କ'ଣ କରିବା ଉଚିତ**

- ବିଦ୍ୟାର୍ଥୀଙ୍କ ଶୈକ୍ଷିକ ଓ ଆବେଗିକ ଆବଶ୍ୟକତାକୁ ବୁଝିବା ଓ ସମ୍ବେଦନଶୀଳ ଭାବ ପ୍ରଦର୍ଶନ କରିବା ।
- ବିଦ୍ୟାର୍ଥୀଙ୍କ ମଙ୍ଗଳ ପାଇଁ କାର୍ଯ୍ୟ କରିବା
- ଶ୍ରେଣୀକକ୍ଷରେ ସମସ୍ୟାଜଡ଼ିତ ପିଲା ପ୍ରତି ସହୃଦୟତା ଓ ସମ୍ବେଦନଶୀଳ ବ୍ୟବହାର ପ୍ରଦର୍ଶନ କରିବା
- ବିଦ୍ୟାଳୟର ସମସ୍ତ କ୍ରିୟାକଳାପରେ ସାମିଲ ହେବାକୁ ପିଲାଙ୍କୁ ପର୍ଯ୍ୟାପ୍ତ ସୁଯୋଗ ଦେବା । ଏକାଠି କାର୍ଯ୍ୟ କରିବା ଦ୍ୱାରା ଶିକ୍ଷକ-ଛାତ୍ର ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୁସମ୍ପର୍କ ବୃଦ୍ଧି ପାଏ ।

ଟିପ୍ପଣୀ

- ଅନୁଶାସନ ଦୃଷ୍ଟିରୁ ବ୍ୟବହାର ପ୍ରଦର୍ଶନ ବେଳେ ମଧୁର ଶବ୍ଦ ପ୍ରୟୋଗ କରିବା
- ବିଦ୍ୟାର୍ଥୀଙ୍କ ମଧ୍ୟରେ ସହଯୋଗିତା ଓ ସହଭାଗିତାକୁ ପ୍ରୋତ୍ସାହିତ କରିବା
- ଦଳଗତ କ୍ରିୟାକଳାପ ଜରିଆରେ ବିଦ୍ୟାର୍ଥୀଙ୍କ ମଧ୍ୟରେ ସୁସ୍ଥ ସମ୍ପର୍କ ସ୍ଥାପନକୁ ପ୍ରୋତ୍ସାହିତ କରିବା
- ଦଳଗତ କାର୍ଯ୍ୟକଳାପରେ ପିଲା ସମ୍ପୂର୍ଣ୍ଣ ମନଯୋଗ କରୁଥିବା ନିଶ୍ଚିତ ହେବା
- ବିଭିନ୍ନ ପ୍ରକାର ପ୍ରକଳ୍ପ ଓ ସହ-ଶିକ୍ଷଣୀୟ କ୍ରିୟାକଳାପ ଆୟୋଜନ କରିବା; ଯାହା ଦ୍ୱାରା ପ୍ରତ୍ୟେକ ବିଦ୍ୟାର୍ଥୀ ନିଜ ନିଜର ଇଚ୍ଛା ଓ ଅନ୍ତର୍ନିହିତ ଗୁଣର ପରିପ୍ରକାଶ ପାଇଁ ପର୍ଯ୍ୟାପ୍ତ ସୁଯୋଗ ପାଇପାରିବେ ।

**କ'ଣ କରିବା ଅନୁଚିତ**

- କଠୋର, ନୈରାଶ୍ୟଜନ ତଥା ଅପମାନଜନକ ଶବ୍ଦ ପ୍ରୟୋଗ ନକରିବା ବା ଅନ୍ୟକୁ ପ୍ରୋତ୍ସାହିତ ନକରିବା
- ଶ୍ରେଣୀରେ କୌଣସି ବିଦ୍ୱେଷମୂଳକ ଶବ୍ଦ ପ୍ରୟୋଗ ବା କାର୍ଯ୍ୟ ନକରିବା
- ବିଦ୍ୟାର୍ଥୀଙ୍କ ମଧ୍ୟରେ ଅସ୍ୱାସ୍ଥ୍ୟକର ତୁଳନା ଓ ପ୍ରତିଯୋଗିତାକୁ ପ୍ରୋତ୍ସାହିତ ନକରିବା
- ଖରାପ ଆଚରଣ ପ୍ରଦର୍ଶନକାରୀ ବିଦ୍ୟାର୍ଥୀଙ୍କୁ ଶ୍ରେଣୀରେ ସମାଲୋଚନା କରିବା ପରିବର୍ତ୍ତେ ଦକ୍ଷତା ବୃଦ୍ଧି ପାଇଁ ବିକଳ୍ପ ସୁଯୋଗ ଯୋଗାଇବା

**କ୍ରିୟାକଳାପ-୨**

ତୁମେ ତୁମ ପିଲାଙ୍କ ପ୍ରକୃତି ଓ ସମସ୍ୟା ସହ ପରିଚିତ । ବିଦ୍ୟାର୍ଥୀଙ୍କ ସହ ସୁସମ୍ପର୍କ ଏବଂ ବିଦ୍ୟାର୍ଥୀଙ୍କ ମଧ୍ୟରେ ସୁସ୍ଥ ସମ୍ପର୍କ ସ୍ଥାପନ ପାଇଁ ତୁମେ କ'ଣ କରିବା ବା ନକରିବା ଉଚିତ ତୁମେ ତାହାର ଏକ ତାଲିକା ପ୍ରସ୍ତୁତ କର ।

.......................................................................................................

.......................................................................................................

.......................................................................................................

## ୫.୨.୨ ବ୍ୟକ୍ତିଗତ ଶିକ୍ଷଣ ପରିଚାଳନା

ଜଣେ ଶିକ୍ଷକଭାବେ ଆମେ ସମ୍ପୂର୍ଣ୍ଣ ଶ୍ରେଣୀକୁ ବକ୍ତୃତା ପ୍ରଦାନ ପଦ୍ଧତି ଜରିଆରେ ଶିକ୍ଷାଦାନ କରିଥାଉ । ଏ ସଂକ୍ରାନ୍ତରେ ଭାଗ-୧ ର ଚତୁର୍ଥ ଏକକରେ ସବିଶେଷ ଆଲୋଚନା କରାଯାଇଛି । ଏହି ପଦ୍ଧତିରେ ଯୋଗାଯୋଗ ପାଇଁ ଏକତ୍ୱ ମାର୍ଗ ହେଉଛି ଶିକ୍ଷକଙ୍କଠାରୁ ବିଦ୍ୟାର୍ଥୀଙ୍କୁ ଶିକ୍ଷଣ କୌଶଳ ସଂଚାଳିତ ହୋଇଥାଏ । ଯେଉଁଥିରେ କଥାବାର୍ତ୍ତା ପ୍ରକ୍ରିୟା ଶିକ୍ଷକଙ୍କ ପୂର୍ଣ୍ଣ ନିୟନ୍ତ୍ରଣାଧୀନ ଥାଏ । ମାତ୍ର ଶିକ୍ଷକ/ଶିକ୍ଷୟିତ୍ରୀ ଚାହିଁଲେ ପିଲାମାନଙ୍କୁ ପ୍ରଶ୍ନ କରିବାକୁ ବା ନିଜ ନିଜ ମଧ୍ୟରେ ଆଲୋଚନା କରିବାକୁ ସୁଯୋଗ ଦେଇପାରନ୍ତି । ଏହାର କାରଣ ହେଲା, ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ନିର୍ଦ୍ଧାରିତ ପାଠ୍ୟକ୍ରମ (ବିଷୟ) ଶେଷ କରିବା ଚାପରେ ସମ୍ପୃକ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ରହିଥାନ୍ତି । ଶିକ୍ଷକ-ବିଦ୍ୟାର୍ଥୀ ଯୋଗାଯୋଗ ଅପେକ୍ଷାକୃତ କମ୍ ଥିବାରୁ ବିଦ୍ୟାର୍ଥୀଙ୍କ ମଧ୍ୟରେ ପାରସ୍ପରିକ ଆଲୋଚନା ପ୍ରାୟତଃ ଅସମ୍ଭବ । ଏହା ମଧ୍ୟ ପ୍ରମାଣିତ ଯେ ପ୍ରାଥମିକ ସ୍ତରର କ୍ୱଚିତ ଛାତ୍ରଛାତ୍ରୀ ଏହି ପଦ୍ଧତି ଜରିଆରେ ଅଧିକ ଶିକ୍ଷଣଲାଭ କରିଥାନ୍ତି ।

ପରନ୍ତୁ, ଶିକ୍ଷାର ଉଦ୍ଦେଶ୍ୟ ପ୍ରତ୍ୟେକ ପିଲାକୁ ବ୍ୟକ୍ତିଗତଭାବେ ଜଣେ ଯୋଗ୍ୟ ବିଦ୍ୟାର୍ଥୀ କରାଇବା, ଯାହା ଫଳରେ ଶ୍ରେଣୀକକ୍ଷରେ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାରେ ପ୍ରଦତ୍ତ ଶିକ୍ଷାଦାନକୁ ସେ/ସେମାନେ ବ୍ୟକ୍ତିଗତଭାବେ ହୃଦୟଙ୍ଗମ କରିବାରେ ସକ୍ଷମ ହୋଇପାରିବେ । ବ୍ୟକ୍ତିଗତ ଶିକ୍ଷଣରେ ଜଣେ ବ୍ୟକ୍ତି ନିଜ ଢଙ୍ଗରେ ନିଜସ୍ୱ ଉଦ୍ୟମ ଓ ଆଗ୍ରହ ଦ୍ୱାରା କୌଣସି କାର୍ଯ୍ୟକୁ ସମ୍ପାଦନ କରିଥାଏ । ଶିକ୍ଷକ ପ୍ରତ୍ୟେକ ବିଦ୍ୟାର୍ଥୀଙ୍କୁ ସ୍ପଷ୍ଟ ସୂଚନା ମାଧ୍ୟମରେ ଶିକ୍ଷଣ କାର୍ଯ୍ୟସମୂହ ନିଜ ଢଙ୍ଗରେ ସଫଳତାର ସହ ଶେଷ କରାଇଥାନ୍ତି । ଏଣୁ ଶିକ୍ଷକ ଭାବରେ ପ୍ରତ୍ୟେକ ବିଦ୍ୟାର୍ଥୀଙ୍କୁ ନିଜ ଶକ୍ତି(ଗତି) ଅନୁସାରେ କ୍ରିୟାକଳାପ ସମ୍ପାଦନ କରିବାକୁ ସୁଯୋଗ ଦେବା ଉଚିତ ।

ବ୍ୟକ୍ତିଗତ ଶିକ୍ଷଣ ପାଇଁ ତୁମେ ଜ୍ଞାନକୌଶଳ ସୁବିଧା ଯଥା-କମ୍ପ୍ୟୁଟର ଅବା ନିଜସ୍ୱ ପ୍ରସ୍ତୁତ ଶିକ୍ଷଣ ସାମଗ୍ରୀର ବ୍ୟବହାର ଓ ବିଦ୍ୟାଳୟରେ ଉପଲବ୍ଧ ସାଧନ ଆଧାରରେ ଆସାଇନ୍‌ମେଣ୍ଟର ଉପଯୋଗ କରିପାରିବ । ବି.ଏଫ୍. ସ୍କିନର୍‌ଙ୍କ ଯାନ୍ତ୍ରିକ ଶିକ୍ଷଣ ସିଦ୍ଧାନ୍ତ

ଅନୁସାରେ ୧୯୬୦ରୁ ୧୯୭୦ ଦଶକରେ ସ୍ୱଅଧ୍ୟୟନରେ କ୍ରିୟାଶୀଳ ସାମଗ୍ରୀର ଖୁବ୍ କମ୍ ବ୍ୟବହାର କରାଯାଉଥିଲା । ସମ୍ପ୍ରତି ଶ୍ରେଣୀକକ୍ଷରେ କମ୍ପ୍ୟୁଟର ଜରିଆରେ ଶିକ୍ଷଣ(ସିଏଏଲ୍) ବ୍ୟବସ୍ଥାର ପ୍ରଚଳନ କରାଯାଉଛି । ବ୍ୟକ୍ତିଗତ ଶିକ୍ଷଣର ବିକାଶ ଏହାର ମୂଳ ଲକ୍ଷ୍ୟ । ବିଦ୍ୟାଳୟରେ ସିଏଏଲ୍‌ର (କମ୍ପ୍ୟୁଟର ସହାୟତା ଶିକ୍ଷଣ) ପରିଚାଳନା ବିଷୟରେ ଏହି ପାଠ୍ୟକ୍ରମର ତୃତୀୟ ଭାଗର ଦ୍ୱାଦଶ ଏକକରେ ବିସ୍ତାରିତ ଭାବେ ବର୍ଣ୍ଣିତ ହୋଇଛି । ପାଠ୍ୟପୁସ୍ତକ ସହିତ ସ୍ୱତନ୍ତ୍ରଭାବେ ପ୍ରସ୍ତୁତ ଗାଇଡ୍ ବା କାର୍ଯ୍ୟପୁସ୍ତିକା, ସ୍ୱତନ୍ତ୍ରଭାବେ ପ୍ରସ୍ତୁତ ସ୍ୱ-ଶିକ୍ଷଣ ସାମଗ୍ରୀ (ଏସ୍‌ଆଇଏମ୍) ଅଧିକାଂଶ ବିଦ୍ୟାଳୟ ଓ ଦୂରନ୍ତ ଶିକ୍ଷା ପାଠ୍ୟକ୍ରମ ବିଦ୍ୟାର୍ଥୀଙ୍କ ଦ୍ୱାରା ବହୁଳ ବ୍ୟବହାର ହେଉଛି । ମାତ୍ର ଏକ ସାଧାରଣ ଶ୍ରେଣୀରେ ସବୁଠାରୁ ଅଧିକ ପ୍ରୟୋଗ / ବ୍ୟବହାର କରାଯାଉଥିବା ସ୍ୱ-ଅଧ୍ୟୟନ ପଦ୍ଧତି ହେଉଛି ପ୍ରଦତ୍ତ କାର୍ଯ୍ୟ (ଆସାଇନ୍‌ମେଣ୍ଟ)କୁ ଅଭ୍ୟାସ କରିବା ।

### ଶ୍ରେଣୀକକ୍ଷରେ ଆସାଇନ୍‌ମେଣ୍ଟ (ପ୍ରଦତ୍ତ କାର୍ଯ୍ୟ)

ପ୍ରାୟତଃ ସବୁ ଦିନ ତୁମେ ତୁମ ଶ୍ରେଣୀରେ ବିଦ୍ୟାର୍ଥୀଙ୍କୁ ବ୍ୟକ୍ତିଗତ ଆସାଇନ୍‌ମେଣ୍ଟ (ପ୍ରଦତ୍ତ କାର୍ଯ୍ୟ) ପ୍ରଦାନ କରୁଥିବ । ସମାପନ ଅବଧି ଓ ଉପଲବ୍ଧ ସମୟ ଆଧାରରେ କେତେକ ଆସାଇନ୍‌ମେଣ୍ଟ ଦୀର୍ଘ ଆଉ କେତେକ ସ୍ୱଳ୍ପ ହୋଇଥାଏ । ବିଦ୍ୟାର୍ଥୀଙ୍କୁ ଏହା ବିଷୟଗତ ଧାରଣା ଓ ସ୍ୱ-ସଂଶୋଧନ ଅଭ୍ୟାସ ପାଇଁ ସୁଯୋଗ ପ୍ରଦାନ କରେ । ବ୍ୟକ୍ତିଗତ କ୍ରିୟାକଳାପ ସମ୍ପାଦନରେ ଏକାଗ୍ରତା ବିଦ୍ୟାର୍ଥୀଙ୍କ ଶିକ୍ଷଣ ସ୍ତର ବୃଦ୍ଧିରେ ସହାୟକ ହୋଇଥାଏ । ଶ୍ରେଣୀକକ୍ଷରେ ବ୍ୟକ୍ତିଗତ ଶିକ୍ଷଣ ପରିସ୍ଥିତି ନିର୍ମାଣ ବେଳେ ନିମ୍ନଲିଖିତ ନିୟମାବଳୀକୁ ବିଚାରକୁ ନିଆଯିବା ଉଚିତ:

- *ପ୍ରଦତ୍ତ କାର୍ଯ୍ୟ/କ୍ରିୟାକଳାପର ସ୍ପଷ୍ଟ ସଂପ୍ରେଷଣ(ଯୋଗାଯୋଗ)* ଜରୁରୀ; ଯାହା ଦ୍ୱାରା ପ୍ରତ୍ୟେକ ବିଦ୍ୟାର୍ଥୀ କ'ଣ କରିବା ଆବଶ୍ୟକ ତାହା ବୁଝିପାରିବେ । ଆବଶ୍ୟକ ସ୍ଥଳେ ଉଦାହରଣ ମଧ୍ୟ ଦିଆଯାଇ ପାରେ ।
- *ବିଦ୍ୟାର୍ଥୀଙ୍କ କାର୍ଯ୍ୟ ତଦାରଖ:* କ୍ରିୟାକଳାପ ଚାଲୁଥିଲାବେଳେ ତୁମେ ଶ୍ରେଣୀକକ୍ଷରେ ବୁଲିବା ସହ ଆବଶ୍ୟକ ସ୍ଥଳେ ଶିକ୍ଷାର୍ଥୀଙ୍କୁ ସହାୟତା ଯୋଗାଇବା ଆବଶ୍ୟକ । ସେମାନେ ହତୋତ୍ସାହିତ ହେଲା ପରି ସେମାନଙ୍କ କାର୍ଯ୍ୟକଳାପରେ ହସ୍ତକ୍ଷେପ କରିବା

ଅନୁଚିତ ।

- ଶିକ୍ଷାର୍ଥୀଙ୍କ ଆସାଇନ୍‌ମେଣ୍ଟ ଯାଞ୍ଚ କରିବା: ଶିକ୍ଷାର୍ଥୀମାନେ ଭିନ୍ନଭିନ୍ନ ଗତିରେ କ୍ରିୟାକଳାପ ସମ୍ପାଦନ କରନ୍ତି । ଏଣୁ ଏକ ସମୟରେ ସମସ୍ତଙ୍କ କ୍ରିୟାକଳାପ ଶେଷ ହୋଇନଥାଏ । ଏକ ବୃହତ୍ ଶ୍ରେଣୀରେ ବିଦ୍ୟାର୍ଥୀଙ୍କ କାର୍ଯ୍ୟ ତଦାରଖ କରିବା ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ । ବେଳେବେଳେ ଛାତ୍ରମାନଙ୍କ ଜରିଆରେ ପରସ୍ପରର କାର୍ଯ୍ୟ ଦ୍ୱାରା ସମ୍ପାଦନ କରିବାକୁ ପଡ଼ିଥାଏ । ଏହା ସ୍ୱତନ୍ତ୍ର /ସ୍ଥିର ଉତ୍ତର ବିଶିଷ୍ଟ ଆସାଇନ୍‌ମେଣ୍ଟ (ପ୍ରଦତ୍ତ କାର୍ଯ୍ୟ) କ୍ଷେତ୍ରରେ କରାଯାଇଥାଏ । ମାତ୍ର କେତେକ ନିର୍ଦ୍ଦିଷ୍ଟ ଆସାଇନ୍‌ମେଣ୍ଟକୁ ଯତ୍ନର ସହ ପଢ଼ିବାକୁ ପଡ଼େ ।
- ଉପଯୁକ୍ତ ମତାମତ(ଫିଡ୍‌ବ୍ୟାକ୍) ପ୍ରଦାନ: ବିଦ୍ୟାର୍ଥୀମାନେ ସେମାନଙ୍କ ଆସାଇନ୍‌ମେଣ୍ଟର ଆଧାରରେ ପ୍ରଦର୍ଶନ ମତାମତ (ଫିଡ୍‌ବ୍ୟାକ୍) ଲାଭ କଲେ ଶିକ୍ଷଣର ଅଭିବୃଦ୍ଧି ଘଟିଥାଏ । ସମସ୍ତ ଆସାଇନ୍‌ମେଣ୍ଟର ସଂଶୋଧନ ଜରୁରୀ ହୋଇଥିବାରୁ ସେ ସଂପର୍କରେ ମତାମତ ପ୍ରଦାନ କରାଯିବା ଉଚିତ । ବିଦ୍ୟାର୍ଥୀଙ୍କୁ ଆସାଇନ୍‌ମେଣ୍ଟ୍ ଫେରସ୍ତ କରାଯିବା ମାତ୍ରେ ମତାମତ ଦିଆଯିବା ଆବଶ୍ୟକ ।

ତୁମ ପ୍ରଗତି ପରଖିବା ପାଇଁ ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ:

ପ୍ରଶ୍ନ-୩ ବ୍ୟକ୍ତିଗତ ଶିକ୍ଷଣ କାହିଁକି ଗୁରୁତ୍ୱପୂର୍ଣ୍ଣ ? ୫/୬ ବାକ୍ୟରେ ତୁମ ଉତ୍ତର ଲେଖ ।

ପ୍ରଶ୍ନ-୪ ବ୍ୟକ୍ତିଗତ ଶିକ୍ଷଣ ପାଇଁ ନିମ୍ନଲିଖିତ ଉକ୍ତି ମଧ୍ୟରୁ କେଉଁଟି ସତ୍ୟ ?

(କ) ବିଦ୍ୟାର୍ଥୀମାନେ ନିଜ ନିଜ ଗତିରେ ଆସାଇନ୍‌ମେଣ୍ଟ କାର୍ଯ୍ୟ ସମ୍ପାଦନ କରନ୍ତି ।

(ଖ) ବିଦ୍ୟାର୍ଥୀମାନେ ଶିକ୍ଷକଙ୍କ ନିର୍ଦ୍ଦେଶକୁ ଯତ୍ନର ସହ ଅନୁପାଳନ କରନ୍ତି ।

(ଗ) ବିଦ୍ୟାର୍ଥୀମାନେ ଅନ୍ୟମାନଙ୍କ ସହ ନିଜ ବିଚାରଧାରା ବିନିମୟ କରନ୍ତି ।

### ୫.୨.୩ ସାମୂହିକ ଶିକ୍ଷଣ ପରିଚାଳନା

ତୁମେ ନିଶ୍ଚୟ ଲକ୍ଷ୍ୟ କରିଥିବ ଯେ ଦଳଗତ ଶିକ୍ଷଣ ଏବଂ ବ୍ୟକ୍ତିଗତ ଶିକ୍ଷଣ ମଧ୍ୟରେ ପାର୍ଥକ୍ୟ ହେଉଛି ବ୍ୟକ୍ତିଗତ ଶିକ୍ଷଣରେ ବିଦ୍ୟାର୍ଥୀମାନେ ପରସ୍ପର ମଧ୍ୟରେ ଅବାଧରେ

ଟିପ୍ପଣୀ

ଆଲୋଚନା କରିପାରି ନଥାନ୍ତି । ବିଦ୍ୟାର୍ଥୀଙ୍କୁ ଏକ ସନ୍ତୁଳିତ ଶିକ୍ଷା ପ୍ରଦାନ କରିବା ଲକ୍ଷ୍ୟର ଗୁରୁତ୍ୱ ସମ୍ପର୍କରେ ୧୯୬୦ ଦଶକରେ ମାନବୀୟ ମନୋବିଜ୍ଞାନୀ କାର୍ଲ ରୋଜର୍ସ ପ୍ରଥମେ ଅନୁଭବ କରିଥିଲେ । ତାଙ୍କ ମତରେ ଶିକ୍ଷଣର ସ୍ୱରୂପ (ପ୍ରକୃତି) ବିଶେଷତଃ ସାମାଜିକ ହେବା ଉଚିତ ଏବଂ ସାମାଜିକ ପରିବେଶରେ ପିଲାଙ୍କୁ ଶିକ୍ଷିତ କରାଗଲେ ସେମାନେ ଜଣେ ଜଣେ ଉତ୍ତମ ନାଗରିକ ହୋଇପାରିବେ । ଏହି ପ୍ରକାର ଶ୍ରେଣୀକକ୍ଷରେ ପିଲାମାନେ ପରସ୍ପର ସହ ଆଲୋଚନା-ପର୍ଯ୍ୟାଲୋଚନା କରିବାର ସୁଯୋଗ ପାଇଲେ ଶ୍ରେଣୀରେ ସାମାଜିକ ପରିବେଷ୍ଟନୀ ସୃଷ୍ଟି କରାଯାଇ ପାରିବ । ଏଥିପାଇଁ ଦଳଗତ ଶିକ୍ଷଣ ବିଶେଷଭାବେ ଛୋଟ ଛୋଟ ଦଳଗତ ଶିକ୍ଷଣ ଉପଯୁକ୍ତ ବିବେଚନା କରାଯାଏ । ୧୯୮୦ ଓ ୧୯୯୦ ଦଶକ ପରେ ଶ୍ରେଣୀକକ୍ଷ କ୍ରିୟାକଳାପରେ ସାମୂହିକ ଶିକ୍ଷଣ ପଦ୍ଧତିର ବ୍ୟବହାରରେ କ୍ରମାଗତ ବୃଦ୍ଧି ପରିଲକ୍ଷିତ ହେଲା । ପାରସ୍ପରିକ ଆଲୋଚନା ପ୍ରକ୍ରିୟାରେ ପରସ୍ପର ମଧ୍ୟରେ 'ଅର୍ଥ' ଆବଣ୍ଟନ ଏବଂ ସୂଚନା ବିନିମୟ କରାଗଲା । ତା'ପରଠାରୁ ଶ୍ରେଣୀକକ୍ଷ ଜଣେ ବ୍ୟକ୍ତି/ବିଦ୍ୟାର୍ଥୀର ଜ୍ଞାନ ବୃଦ୍ଧିର ଏକ ସାମାଜିକ ମାଧ୍ୟମ ପାଲଟିଗଲା । ନିଜ ବୁଝାମଣାକୁ ଅନ୍ୟମାନଙ୍କ ସହ ତୁଳନା କରି ଏବଂ ନିଜ ଜ୍ଞାନକୁ ଅନ୍ୟମାନଙ୍କ ଜ୍ଞାନ ସହ ବିନିମୟ କରଣ ତୁଳନା ଦ୍ୱାରା ବିଦ୍ୟାର୍ଥୀଙ୍କ ମନରେ ଏକ ନୂତନ ବୁଝାମଣା ସୃଷ୍ଟି ହେଲା । ଉଦାହରଣ ସ୍ୱରୂପ-କୌଣସି ସମସ୍ୟାକୁ ମିଳିମିଶି ସମାଧାନ କରିବା ସମୟରେ ବିଦ୍ୟାର୍ଥୀମାନେ ପରସ୍ପର ମଧ୍ୟରେ ଆଲୋଚନା ଓ ଯୁକ୍ତିତର୍କ କରି ଏହାର କାରଣ ଜାଣନ୍ତି ଓ ପରେ ସମାଧାନ ପ୍ରକ୍ରିୟାର ନିଷ୍କର୍ଷରେ ଉପନୀତ ହୁଅନ୍ତି ।

ସାମୂହିକ ଶିକ୍ଷଣ ପଦ୍ଧତିର ଅନ୍ୟତମ ପ୍ରମୁଖ ଲାଭ ହେଲା ଏହି ଶିକ୍ଷଣ ଅନେକ ପ୍ରକାର ଶୈକ୍ଷିକ ଉଦ୍ଦେଶ୍ୟ ଲାଭ ପାଇଁ ବିଶେଷକରି ସମସ୍ତ ପ୍ରକାର ସମସ୍ୟାର ସମାଧାନ, ନିଷ୍ପତ୍ତି ଗ୍ରହଣ ଏବଂ ଜଟିଳ ଜୀବନ କୌଶଳର ବିକାଶ ସଂକ୍ରାନ୍ତ ଉଚ୍ଚ-ସଜ୍ଞାନାତ୍ମକ ଉଦ୍ଦେଶ୍ୟରେ ବ୍ୟବହାର ହୋଇପାରୁଛି । ଏହି ପଦ୍ଧତିରେ ସୃଜନାତ୍ମକ ଚିନ୍ତନ ଏବଂ ଅନ୍ୟାନ୍ୟ ଭିନ୍ନକ ଚିନ୍ତନ ପ୍ରକ୍ରିୟାର ବିକାଶ ମଧ୍ୟ ସମ୍ଭବ । ଏହା ଦ୍ୱାରା ସମସ୍ତ ପ୍ରକାର ପ୍ରଭାବୀ ଏବଂ ଅନ୍ତର୍ବୈକ୍ତିକ ଉଦ୍ଦେଶ୍ୟର ପ୍ରଭାବଶାଳୀ ଉପଲବ୍ଧି ମିଳିଥାଏ । ପଦ୍ଧତିର ପରିବର୍ତ୍ତନଶୀଳତା



ଟିପ୍ପଣୀ

କାରଣରୁ ସାମୁହିକ ଶିକ୍ଷଣ ପଦ୍ଧତିକୁ ବିଶ୍ୱର କୋଣ ଅନୁକୋଣର ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାମାଜିକ ଭାବନାର ଉଦ୍ରେକ ପାଇଁ ବ୍ୟବହାର କରୁଛନ୍ତି ଯାହା ଖୋଲା ହୃଦୟରେ ଅନ୍ୟ ଲୋକଙ୍କ ମତାମତ ଶୁଣିବାର ଇଚ୍ଛା ଏବଂ ଭାବ ବିନିମୟ କୌଶଳ ବିକଶିତ କରିବାରେ ସହାୟକ ହେଉଛି ।

ସାମୁହିକ ଶିକ୍ଷଣର କେତେକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ନିମ୍ନରେ ପ୍ରଦାନ କରାଗଲା :

- ଜଣେ ତୁଳନାରେ ଅନେକ ଶିକ୍ଷାର୍ଥୀ ଅଧିକ ସମୟ/ଉଦ୍ୟମ/ସାଧନ ଉପଲବ୍ଧ କରାଇବା
- ଜ୍ଞାନ ଓ ଅଭିଜ୍ଞତା ବଣ୍ଟନ ଜରିଆରେ ବିଶେଷ ଜ୍ଞାନ /କୌଶଳର ଅଭିଜ୍ଞତା ହାସଲ
- ଦଳରେ ମାନସମନ୍ଥନ ଦ୍ୱାରା ଅଧିକ ଏବଂ ଭିନ୍ନଭିନ୍ନ ପ୍ରକାରର ବିଚାର ଧାରାର ଉତ୍ପତ୍ତି
- ସହଜରେ ତ୍ରୁଟି ଚିହ୍ନଟ ଓ ସଂଶୋଧନ
- ଅଂଶଗ୍ରହଣ ଦ୍ୱାରା ଏକ କ୍ରିୟାକଳାପ ପ୍ରତି ବିଦ୍ୟାର୍ଥୀଙ୍କ ପ୍ରତିବଦ୍ଧତା ବୃଦ୍ଧି

**ସାମୁହିକ ଶିକ୍ଷଣ ସହ କେତେକ ସମସ୍ୟା ମଧ୍ୟ ରହିଛି, ଯାହା ସାମୁହିକ କ୍ରିୟାକଳାପର ଯୋଜନା ଓ ପରିଚାଳନାରେ ଅଧିକ ଧ୍ୟାନ ଦେବାକୁ ପଡ଼େ ।**

- ଅଂଶଗ୍ରହଣକାରୀଙ୍କ ମଧ୍ୟରେ ପର୍ଯ୍ୟାପ୍ତ ସମନ୍ୱୟର ଅଭାବ
- ଅଂଶଗ୍ରହଣରେ ଅସମାନତା । କେତେକ ବିଦ୍ୟାର୍ଥୀ ଅଧିକ ପ୍ରଭାବଶାଳୀ ହେଉଥିବାବେଳେ ଆଉ କିଛି ଚୁପ୍‌ଚାପ ରହିଥାନ୍ତି ।
- ସମୂହରେ କୌଣସି ପ୍ରସଙ୍ଗରେ ଆଲୋଚନା ବେଳେ କୌଣସି ମତକୁ ସମର୍ଥନ ନିମନ୍ତେ ବ୍ୟକ୍ତିଗତ ବିଦ୍ୟାର୍ଥୀଙ୍କ ଉପରେ ବାହ୍ୟ ବା ଆନ୍ତଃ ଚାପ ପଡ଼ିଥାଏ ।
- କାର୍ଯ୍ୟ ସମ୍ପାଦନରେ ବ୍ୟବସ୍ଥିତ ଢଙ୍ଗରେ ଶିକ୍ଷଣର ଉପଯୋଗ ହୋଇନଥାଏ ।
- ନିଷ୍ପତ୍ତି ନେବା ପଦ୍ଧତିରେ ପରିବର୍ତ୍ତନଶୀଳତା/ଅସ୍ୱଚ୍ଛତା/ବିକୃତତା ।
- ଫଳାଫଳର ତତ୍‌କ୍ଷଣ ମୂଲ୍ୟାୟନରେ ଅପରିପକ୍ୱତା ।

ଶ୍ରେଣୀକକ୍ଷରେ ସାମୂହିକ ଶିକ୍ଷଣକୁ ସଂଗଠିତ କରିବାରେ ଶିକ୍ଷକ ଜଣେ ସଂଗଠକ ଓ ମାର୍ଗଦର୍ଶକଭାବେ କାର୍ଯ୍ୟ କରିଥାନ୍ତି । ସମୂହରେ ଆଲୋଚନା କରାଯିବାକୁ ଥିବା ବିଷୟ / ବିଷୟମାନ ବା ହେବା ପାଇଁ ଥିବା ସମସ୍ୟା ନିର୍ଦ୍ଧାରଣ ପରେ ଶିକ୍ଷକଙ୍କ ତିନିଟି ପ୍ରମୁଖ କାର୍ଯ୍ୟ ରହିଥାଏ - ସମାଧାନ ଦଳ ଗଠନ, ଦଳ ମଧ୍ୟରେ ଯୋଗାଯୋଗକୁ ସୁଗମ କରିବା ଏବଂ ଦଳ ଭିତ୍ତିରେ ସମୂହରେ ଶିକ୍ଷଣ ଫଳାଫଳକୁ ଏକାଠି କରିବା ।

ଶିକ୍ଷାର୍ଥୀଙ୍କ ଦଳ ଗଠନ ଚାରି ପ୍ରକାରର: (୧) ଯୋଗ୍ୟତା ଆଧାରିତ ଦଳ ଗଠନ, (୨) ଆଗ୍ରହ ଅନୁଯାୟୀ ଦଳ ଗଠନ, (୩) ସମ୍ମତି ଆଧାରିତ ଦଳ ଗଠନ ଏବଂ (୪) ମିଶ୍ରିତ ଦଳ ଗଠନ ।

- **ଯୋଗ୍ୟତା ଆଧାରରେ ଦଳ ଗଠନ (ସମରୂପ ସମୂହୀକରଣ):** ଯୋଗ୍ୟତା ଆଧାରିତ ଦଳ ଗଠନରେ ତୁମକୁ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ଯୋଗ୍ୟତାକୁ ଧ୍ୟାନ ଦେବାକୁ ପଡ଼ିବ ଏବଂ ସମ ଯୋଗ୍ୟତା ବିଶିଷ୍ଟ ଶିକ୍ଷାର୍ଥୀଙ୍କୁ ନେଇ ଦଳ ଗଠନ କରିବାକୁ ପଡ଼ିବ । ଉଦାହରଣସ୍ୱରୂପ-ଗଣିତରେ ଅଧିକ ଭଲ, ହାରାହାରି ଏବଂ କମ୍ ଯୋଗ୍ୟ ଥିବା ବିଦ୍ୟାର୍ଥୀଙ୍କୁ ତିନିଟି ପୃଥକ୍ ଦଳରେ ରଖିବାକୁ ପଡ଼ିବ । ସେମାନଙ୍କ ଗାଣିତିକ ଧାରଣା ଓ ପ୍ରୟୋଗ ଦକ୍ଷତାକୁ ବିଚାରକୁ ନେଇ ତୁମେ ଗଣିତରେ ଅଧିକ ଭଲ କରୁଥିବା ଶିକ୍ଷାର୍ଥୀଙ୍କୁ ଅଧିକ ଜଟିଳ ତଥା ଆହ୍ୱାନମୂଳକ କାର୍ଯ୍ୟ ଏବଂ କମ୍ ଯୋଗ୍ୟତା ନିର୍ଦ୍ଦିଷ୍ଟ ଶିକ୍ଷାର୍ଥୀଙ୍କୁ ଅପେକ୍ଷାକୃତ ସହଜ କାର୍ଯ୍ୟ ଦେଇପାରିବ । ଏହା ଶିକ୍ଷାର୍ଥୀଙ୍କୁ ନିଜର ବିଚାରଧାରା ସମ୍ମିଳିତ ରୂପରେ ପ୍ରକାଶ କରିବା ଓ ସେମାନଙ୍କ ଯୋଗ୍ୟତା ଅନୁସାରେ ସମାଧାନର ମାର୍ଗ ବାହାର କରିବାର ସୁଯୋଗ ଦେଇଥାଏ । କମ୍ ଯୋଗ୍ୟ ଶିକ୍ଷାର୍ଥୀମାନଙ୍କୁ ଅଧିକ ବ୍ୟକ୍ତିଗତ ଧ୍ୟାନ ଦେବା ଆବଶ୍ୟକ ହୋଇଥାଏ । ଏଣୁ ସେମାନଙ୍କ ବିକାଶ ଓ ପ୍ରତିକାରାତ୍ମକ ଉଦ୍ଦେଶ୍ୟଭାବେ ଏହି ଧରଣର ଶିକ୍ଷାର୍ଥୀମାନଙ୍କୁ ଗଠନ କରାଯାଇଥାଏ । ଏହି ଧରଣର ଦଳ ଗଠନରେ ବଡ଼ ବ୍ୟତିକ୍ରମ ହେଉଛି, ବେଳେବେଳେ ଏହିସବୁ ଦଳ ବିଦ୍ୟାର୍ଥୀଙ୍କୁ ଉତ୍ତମ ବା ଦୁର୍ବଳ ବିଦ୍ୟାର୍ଥୀଭାବେ ଅଭିହିତ କରାଯାଇଥାଏ । ଦୁର୍ବଳ ଶ୍ରେଣୀର ଛାତ୍ରଛାତ୍ରୀମାନେ ଏହା ଦ୍ୱାରା ହତୋତ୍ସାହିତ ହୋଇଥାନ୍ତି; ଯାହା ସେମାନଙ୍କ ମନୋବଳ ଉପରେ ନକାରାତ୍ମକ ପ୍ରଭାବ

ପକାଇଥାଏ ।

- **ଆଗ୍ରହ ଆଧାରିତ ଦଳ ଗଠନ:** ଏକ ଶ୍ରେଣୀକକ୍ଷ ବିଷୟରେ ଚିନ୍ତାକର, ଯେଉଁଠାରେ ଶିକ୍ଷକ ଏକସଙ୍ଗେ ଏକାଧିକ ଶିକ୍ଷଣକାର୍ଯ୍ୟ ସଂଗଠନ କରିବାକୁ ଯୋଜନା କରନ୍ତି । କ୍ରିୟାକଳାପଗୁଡ଼ିକ ନିମ୍ନ ପ୍ରକାରର: ଚିତ୍ରାଙ୍କନ, ମାଟିପାତ୍ର ନିର୍ମାଣ ଏବଂ ଚିତ୍ରଣ । ଶିକ୍ଷକ ନିଜ ବିଦ୍ୟାର୍ଥୀଙ୍କ ଆଗ୍ରହ / ରୁଚି ସହ ପରିଚିତ । ସେହି ଆଧାରରେ ସେମାନଙ୍କୁ ଗୋଟିଏ ଗୋଟିଏ ଦଳରେ ବସିବାକୁ କହିଥାନ୍ତି । ଫଳରେ ବିଦ୍ୟାର୍ଥୀମାନେ ନିଜ ନିଜ ଆଗ୍ରହ / ରୁଚି ଅନୁଯାୟୀ ନିଜ ଦଳରେ ବସିଥାନ୍ତି । ଫଳରେ ତିନିଟି ଦଳରେ ସମଗ୍ର ଶ୍ରେଣୀ ବିଭକ୍ତ ହୋଇଥାଏ । ଗୋଟିଏ ଚିତ୍ରାଙ୍କନ ଦଳ, ଆଉ ଗୋଟିଏ ଦଳ ମାଟିପାତ୍ର ଗଠନ ଏବଂ ତୃତୀୟଟି କାଚ ଚିତ୍ରଣ ଦଳ । ପ୍ରତ୍ୟେକ ଦଳର ବିଦ୍ୟାର୍ଥୀ ନିଜର ସହପାଠୀଙ୍କ ସହ ଆଲୋଚନା କରି କ୍ରିୟାକଳାପ ସମ୍ପାଦନ କରିଥାନ୍ତି ।

  ନିଜ ଆଗ୍ରହ/ରୁଚି ଅନୁସାରେ ଗଠିତ ବିଦ୍ୟାର୍ଥୀ ସମୂହ ଉପାଦେୟ ସାବ୍ୟସ୍ତ ହୋଇଥାଏ । ଏହି ସମୂହର ଲାଭ ହେଲା ଗୋଟିଏ ଆଗ୍ରହ ବା ରୁଚିର ବିଦ୍ୟାର୍ଥୀ ଏକାଠି ଉତ୍ତମ କ୍ରିୟାକଳାପ ସମ୍ପାଦନ କରିବାରେ ସକ୍ଷମ ହୋଇଥାନ୍ତି । ଏମାନେ ପରସ୍ପରଠାରୁ ଶିକ୍ଷାଲାଭ କରିଥାନ୍ତି । ଫଳରେ ସେମାନଙ୍କ କୌଶଳ/ପ୍ରଦର୍ଶନ ଉତ୍ତମ ହୋଇଥାଏ । ଏହି ଧରଣର ସମୂହରେ ଏକ ବଡ଼ ସୀମିତତା ମଧ୍ୟ ରହିଛି । ଏହି ବର୍ଗର ବିଦ୍ୟାର୍ଥୀଙ୍କ ଆଗ୍ରହ ଗୋଟିଏ / ଦୁଇଟି କ୍ଷେତ୍ରରେ ସୀମିତ ରହୁଥିବାରୁ ସେମାନଙ୍କ ଅଭିବ୍ୟକ୍ତିର ଅଭାବ ପରିଲକ୍ଷିତ ହୋଇଥାଏ; ଯାହା ସେମାନଙ୍କ ଚିନ୍ତନକୁ ପ୍ରତିହତ କରେ ।

- **ପସନ୍ଦ ଅନୁଯାୟୀ ଦଳ ଗଠନ** : ନିଜ ପସନ୍ଦ / ଇଚ୍ଛା ଅନୁସାରେ ଦଳ ଗଠନ କରିବାକୁ ବିଦ୍ୟାର୍ଥୀଙ୍କୁ ଅନୁମତି ଆଉ ଏକ ପ୍ରକାର ଦଳ ଗଠନ । ଏହି ପ୍ରକାର ଦଳ ଗଠନରେ ବିଦ୍ୟାର୍ଥୀମାନେ ନିଜ ନିଜ ପସନ୍ଦର ଜଣେ ଛାତ୍ର ବା ଏକ ଛାତ୍ର ସହ ଦଳରେ କାର୍ଯ୍ୟ କରିବାକୁ ଚୟନ କରିଥାନ୍ତି । ଏହି ପ୍ରକାର ଦଳ ଗଠନର ଲାଭ ହେଉଛି ଛାତ୍ରଛାତ୍ରୀମାନେ ନିଜ ପସନ୍ଦର ଦଳ ଗଠନ କରିଥିବାରୁ ଅଧିକ ମିଳିମିଶି

ପ୍ରଭାବୀ ଢଙ୍ଗରେ କାର୍ଯ୍ୟ ସମ୍ପାଦନ କରିଥାନ୍ତି । ସମୂହ ଗଠନରେ ବିଦ୍ୟାର୍ଥୀଙ୍କ ସ୍ୱାଧୀନତା ରହିଥିବାରୁ ଏହା ଉତ୍ତମ ବୁଝାମଣା ଆଧାରରେ ଦଳଗତ କାର୍ଯ୍ୟ ସଂପାଦିତ ହୋଇଥାଏ । ଏହି ଦଳରେ ବଡ଼ ବ୍ୟତିକ୍ରମ ହେଉଛି, ବିଦ୍ୟାର୍ଥୀଙ୍କୁ ଦଳ ପସନ୍ଦ କରିବାର ସ୍ୱାଧୀନତା ଦିଆଯାଇଥିବାରୁ ଏପରି କିଛି ବିଦ୍ୟାର୍ଥୀ ରହିଥାନ୍ତି, ଯେଉଁମାନେ କୌଣସି ଦଳରେ ସାମିଲ ହୋଇପାରିନଥାନ୍ତି । ପସନ୍ଦ କରିବାର ସ୍ୱାଧୀନତା ଉପଯୁକ୍ତ ଢଙ୍ଗରେ କାର୍ଯ୍ୟକାରୀ ହୋଇନଥିଲେ ଦଳରେ ବିଦ୍ୟାର୍ଥୀମାନେ ନିଜ ନିଜ ମଧ୍ୟରେ ଗପସପ ବା ସେହିଧରଣର କ୍ରିୟାକଳାପରେ ଲିପ୍ତ ରହିଥାନ୍ତି । ଫଳରେ ପ୍ରଦତ୍ତ କାର୍ଯ୍ୟକୁ ଅଣଦେଖା କରିଥାନ୍ତି ।

- **ମିଶ୍ରିତ ଶିକ୍ଷାର୍ଥୀ ଦଳ (ବିଷମ ଯୋଗ୍ୟତା):** ମିଶ୍ରିତ ଶିକ୍ଷାର୍ଥୀ ଦଳ ଗଠନରେ ଶ୍ରେଣୀର ଉତ୍ତମ, ଦୁର୍ବଳ ଏବଂ ମଧ୍ୟମ ଯୋଗ୍ୟତା ବିଶିଷ୍ଟ ପିଲାଙ୍କୁ ଗୋଟିଏ ଦଳରେ ରଖାଯାଇଥାଏ । ଫଳରେ କୌଣସି ପିଲା ଅନ୍ୟକୁ ଦୁର୍ବଳ ବା କମ୍ ଯୋଗ୍ୟ ପିଲା ଆଖ୍ୟା ଦେଇପାରିନଥାନ୍ତି । ବିଦ୍ୟାର୍ଥୀଙ୍କ କ୍ରମାଙ୍କ ଦ୍ୱାରା, ଯୋଡ଼ିଯୋଡ଼ି କରି, ଗୁଳା ପକାଇ ବା ଅନ୍ୟାନ୍ୟ ପଦ୍ଧତିରେ ମିଶ୍ରିତ ଦଳ ଗଠନ କରାଯାଇଥାଏ ।

ଏହି ଦଳ ଗଠନର ଲାଭ ହେଲା, ଏଥିରେ ଉତ୍ତମ ଓ ଦୁର୍ବଳ ପିଲା ରହୁଥିବାରୁ ସେମାନେ ପରସ୍ପର ମଧ୍ୟରେ ଭାବବିନିମୟ କରିଥାନ୍ତି ଏବଂ ଶିକ୍ଷାଲାଭ କରନ୍ତି । ପିଲାଏ କୌଣସି ବାଛବିଚାର ନକରି ପରସ୍ପରକୁ ସାହାଯ୍ୟ କରନ୍ତି ଏବଂ ନିଜ ନିଜର ତ୍ରୁଟି ସଂଶୋଧନ କରିଥାନ୍ତି । ଏହି ସମୂହର ସୀମିତତା ହେଲା, ବେଳେବେଳେ ଜଣେ ଉତ୍ତମ ଛାତ୍ର ଦୁର୍ବଳ ଛାତ୍ର କାରଣରୁ ମନ୍ଥର ହୋଇଯାଏ । ଏତଦବ୍ୟତୀତ, ଅଧିକ ଯୋଗ୍ୟତା ସଂପନ୍ନ ଛାତ୍ରଛାତ୍ରୀ ଦୁର୍ବଳମାନଙ୍କୁ ପଛରେ ପକାଇ ଯଥେଷ୍ଟ ଆଗକୁ ଚାଲିଯାଆନ୍ତି ।

**ପ୍ରଶ୍ନ-୫ ଦଳ ଗଠନ କରିବା ସମୟରେ କେଉଁ ବିଷୟପ୍ରତି ସବୁଠାରୁ ଅଧିକ ଧ୍ୟାନ ଦେବାକୁ ପଡ଼ିଥାଏ ?**

ଗୋଟିଏ ଦଳରେ କାର୍ଯ୍ୟ କରୁଥିବା ଶିକ୍ଷାର୍ଥୀଙ୍କ ସହ ସ୍ୱତନ୍ତ୍ରଭାବେ ପାରସ୍ପରିକ

କ୍ରିୟାକଳାପ କରିବା ପାଇଁ ତୁମକୁ ଶିକ୍ଷାର୍ଥୀମାନଙ୍କ ସହ ପ୍ରଭାବପୂର୍ଣ୍ଣ ଢଙ୍ଗରେ କଥାବାର୍ତ୍ତା କରିବାକୁ ହେବ । ଏହା କେବଳ ଯେ ଦଳକୁ ଉଦ୍ଦେଶ୍ୟ ଆଧାରିତ କାର୍ଯ୍ୟ କରିବାକୁ ଶକ୍ତି ପ୍ରଦାନ କରେ ତା' ନୁହେଁ, ଅନ୍ୟାନ୍ୟ ଉଦ୍ଦେଶ୍ୟ ଯଥା-କାର୍ଯ୍ୟ ସମ୍ପାଦନ ସମୟରେ ବିଦ୍ୟାର୍ଥୀଙ୍କ ଆତ୍ମବିଶ୍ୱାସ ବୃଦ୍ଧି, ସମୂହର ସଦସ୍ୟ ଓ ଅନ୍ୟ ସମୂହ ସହ ଉନ୍ନତ ପାରସ୍ପରିକ ସମ୍ପର୍କ ବୃଦ୍ଧି କରିବାରେ ମଧ୍ୟ ସହାୟକ ହୋଇଥାଏ । ଦଳ ସହ ଭାବବିନିମୟ ପାଇଁ ଦୁଇଟି ସମ୍ଭାବ୍ୟ ମାର୍ଗ ରହିଛି(ଚିତ୍ର ୫.୧ରେ ପ୍ରଦର୍ଶିତ) । ପ୍ରଥମ ପରିସ୍ଥିତି (ଚିତ୍ର ୫.୧କ)ରେ ତୁମେ ଜଣେ ଶିକ୍ଷକ (ଟି) ଭାବେ ଏକ ଛୋଟ ଦଳ ପ୍ରତ୍ୟେକ ଛାତ୍ର (ଏସ୍)ଙ୍କ ସହ ବ୍ୟକ୍ତିଗତ ଆଲୋଚନା କରିପାରିବ । ଏହି ସ୍ଥିତିରେ ପରସ୍ପର ମଧ୍ୟରେ କଥା ହେବାକୁ ଶିକ୍ଷାର୍ଥୀଙ୍କ ପାଇଁ ସୁଯୋଗ ନଥାଏ । ଦ୍ୱିତୀୟ ପରିସ୍ଥିତି (ଚିତ୍ର ୫.୧ଖ)ରେ ତୁମେ ସବୁ ଶିକ୍ଷାର୍ଥୀଙ୍କ ସହ ସମାନ ଭାବରେ ଭାବବିନିମୟ କରିଥାଅ ଏବଂ ପରସ୍ପର ସହ ଆଲୋଚନା ପାଇଁ ତୁମ ସହିତ ସମସ୍ତଙ୍କର ସ୍ୱାଧୀନତା ଥାଏ । ଏଣୁ ପ୍ରଥମ ପରିସ୍ଥିତିରେ ଯୋଗାଯୋଗ ପ୍ରକ୍ରିୟା ଶିକ୍ଷକଙ୍କ ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ଥିଲାବେଳେ ଦ୍ୱିତୀୟ ପରିସ୍ଥିତିରେ ସମୂହର ପ୍ରତ୍ୟେକ ସଦସ୍ୟଙ୍କ ନିୟନ୍ତ୍ରଣ ରହିଥାଏ ।




ଚିତ୍ର ୫.୧ ସମୂହ ଶିକ୍ଷଣ ପରିସ୍ଥିତିର ଦୁଇ ପ୍ରକାର ଯୋଗାଯୋଗ
(ଉତ୍ସ:ଏଲିଙ୍ଗଟନ୍ ଆଣ୍ଡ୍ ଅର୍ଲ, ୧୯୯୬)

ମନେକରାଯାଉ, ତୁମ ଶ୍ରେଣୀର କିଛି ଛାତ୍ରଙ୍କ ସ୍ୱତନ୍ତ୍ର ଶିକ୍ଷଣ ସମସ୍ୟା ଯେପରିକି-ଇଂରାଜୀ ଶବ୍ଦକୁ ଠିକ୍‌ଭାବେ ଉଚ୍ଚାରଣ କରିନପାରିବା, ଗଣିତକୁ ଠିକଣା ସମୟରେ ସମ୍ପାଦନ ନକରିବା

ଟିପ୍ପଣୀ

ବା କୌଣସି କାର୍ଯ୍ୟ ସମ୍ପାଦନ କରୁନଥିବା ତୁମେ ଲକ୍ଷ୍ୟ କଲ । ସେପରି ସ୍ଥିତିରେ ତୁମେ ସମ୍ପୃକ୍ତ ଦଳକୁ ପୂରା ନିୟନ୍ତ୍ରଣ କରିବ ଏବଂ ପ୍ରତ୍ୟେକ ପିଲା ସହ ସେମାନଙ୍କ ସମସ୍ୟା ସମ୍ପର୍କରେ ଜଣ ଜଣ କରି ଆଲୋଚନା କରିବା ଉଚିତ । ମାତ୍ର ଅନ୍ୟ ଉଦ୍ଦେଶ୍ୟ ପାଇଁ ଦ୍ୱିତୀୟ ପ୍ରକାରର ଯୋଗାଯୋଗ ଲାଭଦାୟକ ।

ଏଣୁ ତୁମ ପାଠ୍ୟକ୍ରମ ଯୋଜନା କଲାବେଳେ ପୂରା ଶ୍ରେଣୀର ବିଦ୍ୟାର୍ଥୀଙ୍କୁ ପ୍ରତ୍ୟକ୍ଷ ଶିକ୍ଷାଦାନ ନକରି ସେମାନଙ୍କୁ ଛୋଟଛୋଟ ଦଳରେ ବିଭକ୍ତ କରିବା ଏବଂ ଦଳଗତ କାର୍ଯ୍ୟରେ ନିୟୋଜିତ ହେବାକୁ ସେମାନଙ୍କୁ ପ୍ରୋତ୍ସାହିତ କରିବା ଅଧିକ ପ୍ରଭାବୀ ହୋଇଥାଏ । ଦଳ ଗଠନ କରିବାରେ ସବୁଠାରୁ ମହତ୍ୱପୂର୍ଣ୍ଣ କଥା ହେଲା ଏକ ଦଳର ଛାତ୍ରଛାତ୍ରୀମାନେ ଭଲରେ ଦଳଗତ କାର୍ଯ୍ୟ ସମ୍ପାଦନ କରିବାକୁ ପାଇଁ ଯୋଗ୍ୟ ହେବେ ଏବଂ ସେମାନଙ୍କ ମଧ୍ୟରେ ଅଧିକରୁ ଅଧିକ ଆଲୋଚନା ହୋଇପାରିବ ।

ଜଣେ ଶିକ୍ଷକ ଭାବରେ ଏକ ଦଳରେ ପ୍ରଭାବିତ ଢଙ୍ଗରେ କାର୍ଯ୍ୟ କରିବା ସଂକ୍ରାନ୍ତରେ ତୁମେ ବିଦ୍ୟାର୍ଥୀଙ୍କୁ ବୁଝାଇବା ଆବଶ୍ୟକ । ଅର୍ଥପୂର୍ଣ୍ଣ ଏବଂ ସଫଳତାର ସହ ଏକାଠି କାର୍ଯ୍ୟ ସମ୍ପାଦନ ନିମନ୍ତେ ତୁମେ ମଧ୍ୟ ଶିକ୍ଷାର୍ଥୀଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା ଆବଶ୍ୟକ । ଏହା ଦ୍ୱାରା ଶିକ୍ଷାର୍ଥୀମାନେ ସହଯୋଗିତାର କୌଶଳକୁ ବିକଶିତ ଓ ମାର୍ଜିତ କରିପାରିବେ ।

**କ୍ରିୟାକଳାପ-୩**

ସାମୂହିକ ଶିକ୍ଷଣ ସ୍ଥିତିରେ ରହିଥିବା ଅନ୍ୟୂନ ପାଞ୍ଚଟି ଶ୍ରେଣୀକୁ ଦେଖ । ସେହି ଶ୍ରେଣୀର ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ସମ୍ପାଦନ କରୁଥିବା କାର୍ଯ୍ୟକୁ ବିଚାରକୁ ନେଇ ଶ୍ରେଣୀର ବିଭାଗର ତାଲିକା ପ୍ରସ୍ତୁତ କର । ଶ୍ରେଣୀରେ ଦଳଗତ ଶିକ୍ଷଣ ପରିସ୍ଥିତି ସୃଷ୍ଟି କରିବା ସଂକ୍ରାନ୍ତରେ ଶିକ୍ଷକଙ୍କୁ ପ୍ରଶ୍ନ କର । ତୁମେ ତୁମ କ୍ରିୟାକଳାପ ଶେଷ କରିବା ପରେ ତୁମ ଅନୁଧ୍ୟାନ ଶ୍ରେଣୀକକ୍ଷରେ ସାମୁହିକ ଶିକ୍ଷଣ ପରିସ୍ଥିତିର ସିଦ୍ଧାନ୍ତ ଆଧାରରେ ତୁଳନା କର ।

..........................................................................................

ଟିପ୍ପଣୀ

..............................................................................................

..............................................................................................

ତୁମେ ଶ୍ରେଣୀକକ୍ଷରେ ଦଳଗତ ଶିକ୍ଷଣ ପରିଚାଳନାର ନିମ୍ନଲିଖିତ ସିଦ୍ଧାନ୍ତଗୁଡ଼ିକୁ ବିଚାରକୁ ନେବାକୁ ପଡ଼ିବ:

- ସମୂହ ଆକାରକୁ ୪ରୁ ୬ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୀମିତ ରଖିବା ।
- ଯଦି କୌଣସି ସ୍ୱତନ୍ତ୍ର ଆବଶ୍ୟକତା ନଥିବ, ତେବେ ବିଷମଯୋଗ୍ୟତା ବିଶିଷ୍ଟ ଦଳ ଗଠନ କରିବାକୁ ଶ୍ରେୟ ମଣିବ । ଏହା ସମୂହ ଶିକ୍ଷଣ ପାଇଁ ଲାଭକାରୀ ।
- ସମୂହରେ ବିଭିନ୍ନ ମାନର ବିଦ୍ୟାର୍ଥୀ ରହିବା ଆବଶ୍ୟକ । ଏହା ଦ୍ୱାରା କୌଣସି ବିଦ୍ୟାର୍ଥୀ ନିଜକୁ ଦୁର୍ବଳ ଓ ଅନଗ୍ରସର ମନେ କରିବେ ନାହିଁ । ପ୍ରତ୍ୟେକ ବିଦ୍ୟାର୍ଥୀ ଅନ୍ୟମାନଙ୍କ ସହ ମିଶି କାର୍ଯ୍ୟ କରିବାକୁ ସୁଯୋଗ ପାଇପାରିବେ ।
- ସମୂହର ଜଣେ ନେତା/ନେତ୍ରୀ ଚୟନ କର । କାର୍ଯ୍ୟ ଆଧାରରେ ନେତା ପରିବର୍ତ୍ତନ କର ।
- ସମୂହକୁ ପ୍ରଦାନ କରାଯାଇଥିବା କାର୍ଯ୍ୟ ବିଦ୍ୟାର୍ଥୀଙ୍କ ମାନସିକ ଯୋଗ୍ୟତା ଅନୁରୂପ ହୋଇଥିବା ବାଞ୍ଛନୀୟ ।
- ସ୍ପଷ୍ଟ ଓ ସରଳ ନିର୍ଦ୍ଦେଶ ଦିଅ ଏବଂ ପରିବର୍ତ୍ତନ ଯୋଗ୍ୟ ସମୟସୀମା ଧାର୍ଯ୍ୟ କର ।
- ସମୂହର ପ୍ରତ୍ୟେକ ବିଦ୍ୟାର୍ଥୀଙ୍କୁ ଏକ ନିର୍ଦ୍ଦିଷ୍ଟ ଦାୟିତ୍ୱ ପ୍ରଦାନ କର ଯାହା ସମୂହ ସଫଳତାରେ ଯୋଗଦାନ ଦେଉଥିବ । ସମୂହରେ ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ଅଂଶଗ୍ରହଣ ନିଶ୍ଚିତ କର ।
- ସେମାନଙ୍କ ଆଲୋଚନାକୁ ସୁଗମ କରିବା ପାଇଁ ଆରାମଦାୟକ ଏବଂ ଅବାଧ ପରିବେଶ ଯୋଗାଣ ଆବଶ୍ୟକ



ଟିପ୍ପଣୀ

- ସମସ୍ୟା ସମାଧାନ ପାଇଁ ପରସ୍ପରକୁ ସାହାଯ୍ୟ କରିବାକୁ ସମୂହ ଛାତ୍ରଛାତ୍ରୀଙ୍କୁ ସୁଯୋଗ ପ୍ରଦାନ
- ପ୍ରସ୍ତାବ ଦିଅ ଏବଂ ଧ୍ୟାନ ଦିଅ

**ପ୍ରଶ୍ନ-୬ ସାମୂହିକ କାର୍ଯ୍ୟର ଯେକୌଣସି ଦୁଇଟି ଲାଭ/ଉପାଦେୟତା ଲେଖ ।**

## ୫.୩ ଶ୍ରେଣୀକକ୍ଷ ଶିକ୍ଷଣରେ ସମୟ ଓ ସ୍ଥାନର ପରିଚାଳନା

ସମୟ ପରିଚାଳନା, ପ୍ରଭାବୀ ଶ୍ରେଣୀକକ୍ଷ ପରିଚାଳନାର ଏକ ମହତ୍ୱପୂର୍ଣ୍ଣ ଦିଗ ଅଟେ । ଶ୍ରେଣୀକକ୍ଷରେ ହେବାକୁ ଥିବା କ୍ରିୟାକଳାପକୁ ସଂଗଠିତ ଓ ପ୍ରାଥମିକତା ପ୍ରଦାନର ସାରଣୀ ପ୍ରସ୍ତୁତ କରିବା ଏବଂ ତାହାକୁ ପାଳନ କରିବା ହିଁ ସମୟ ପରିଚାଳନା ଅଟେ । ସମୟ ପରିଚାଳନା ବ୍ୟତୀତ, ବିଦ୍ୟାର୍ଥୀଙ୍କ ଶିକ୍ଷଣ ପାଇଁ ଶ୍ରେଣୀକକ୍ଷରେ ଉପଲବ୍ଧ ସ୍ଥାନ ପରିଚାଳନା ମଧ୍ୟ ଆଉ ଏକ ମହତ୍ୱପୂର୍ଣ୍ଣ ଦିଗ । ଏକ ସୁସଂଗଠିତ ଶ୍ରେଣୀକକ୍ଷ କେବଳ ଯେ ସାମଗ୍ରୀକୁ ସୁବ୍ୟବସ୍ଥିତ ଓ ଶିକ୍ଷଣ ପାଇଁ ଉପଲବ୍ଧ କରାଏ ତା’ ନୁହେଁ, ଏହା ମଧ୍ୟ ବିଭିନ୍ନ ପ୍ରକାର ଶିକ୍ଷଣ ସ୍ଥିତିକୁ ସୁଗମ କରାଏ । ଏହି ଭାଗରେ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟା ଜାରି ଥିଲାବେଳେ ସମୟ ଓ ସ୍ଥାନର ଉପଯୁକ୍ତ ପରିଚାଳନା କୌଶଳ ବିଷୟରେ ଜାଣିବା ଆବଶ୍ୟକ ।

### ୫.୩.୧ ସମୟ ପରିଚାଳନା

ବିଦ୍ୟାଳୟର ଯେକୌଣସି କାର୍ଯ୍ୟଦିବସରେ ଏକ ଶ୍ରେଣୀରେ ଏକ ପିରିୟଡ୍‌ରେ ତୁମେ ସାଧାରଣଭାବେ ସମ୍ପାଦନ କରୁଥିବା କ୍ରିୟାକଳାପକୁ ମନେପକାଅ । ସମ୍ଭବତଃ ତୁମେ ତୁମ ଶିକ୍ଷଣ ଯୋଜନା ଅନୁସାରେ ବିଦ୍ୟାର୍ଥୀଙ୍କ ବସିବା ବ୍ୟବସ୍ଥା, ଶିକ୍ଷାଦାନ-ଶିକ୍ଷଣ ସାମଗ୍ରୀ ଏକତ୍ରିତ କରିବା, ଅବଧାରଣାର ବ୍ୟାଖ୍ୟା କରିବା, ପ୍ରଶ୍ନ କରିବା ଏବଂ ବିଦ୍ୟାର୍ଥୀଙ୍କ ଉତ୍ତରକୁ ଶୁଣିବା ଏବଂ ଆବଶ୍ୟକ ସ୍ଥଳେ ସଂଶୋଧନ କରିବା, ସହାୟକ ଶିକ୍ଷଣ ସାମଗ୍ରୀ ଜରିଆରେ ଅବଧାରଣା ଓ ପ୍ରକ୍ରିୟାର ପ୍ରଦର୍ଶନ, ପଟା(କଳା ବା ଧଳା)ରେ ଲେଖିବା ଏବଂ ଚିତ୍ର କରିବା, ସାମୂହିକ କ୍ରିୟାକଳାପ କରିବା, ଶିକ୍ଷଣ କ୍ରିୟାକଳାପର ଫଳାଫଳକୁ ଏକାଠି କରିବା, ପାଠ୍ୟକ୍ରମର ମୂଲ୍ୟାୟନ ନିମନ୍ତେ ବିଦ୍ୟାର୍ଥୀଙ୍କୁ କାର୍ଯ୍ୟ ପ୍ରଦାନ କରିବା ଇତ୍ୟାଦି କାର୍ଯ୍ୟ ସମ୍ପାଦନ କରିଥାଅ । ୪୦ରୁ ୪୫ ମିନିଟ୍ ଅବଧିର ପିରିୟଡ୍‌ରେ ତୁମେ ଏହିସବୁ କ୍ରିୟାକଳାପ

ଟିପ୍ପଣୀ

ବା ଆହୁରି ଅଧିକ କାର୍ଯ୍ୟ ସମ୍ପାଦନ କରିଥାଅ । ତୁମେ ଅନୁଭବ କରିଥିବ, ଶ୍ରେଣୀକକ୍ଷ ସମୟ ପରିଚାଳନା ସାଧାରଣ କାର୍ଯ୍ୟ ଭଳି ଦେଖାଯାଉଥିଲେ ହେଁ ବାସ୍ତବରେ ଏହା କଷ୍ଟକର ବ୍ୟାପାର । ଏହା କେବଳ ନିର୍ଦ୍ଦେଶ ଅନୁଯାୟୀ କ୍ରିୟାକଳାପ ପାଇଁ ଯତ୍ନର ସହ ଯୋଜନା ପ୍ରସ୍ତୁତି ନୁହେଁ, ଶ୍ରେଣୀ ସମୟର ଉତ୍ତମ ବିନିଯୋଗ ପାଇଁ ଧ୍ୟାନ ଦେବାକୁ ମଧ୍ୟ ପଡ଼ିଥାଏ । ଶିକ୍ଷଣ ସମୟ ଏବଂ ବିଦ୍ୟାର୍ଥୀଙ୍କ ଶିକ୍ଷଣ ଓ ବିକାଶ ମଧ୍ୟରେ କୌଣସି ସମ୍ପର୍କ ରହିଛି କି ? ଏକାଧିକ ଅଧ୍ୟୟନ ଓ ଗବେଷଣାରୁ ନିମ୍ନଲିଖିତ ଦୁଇଟି ପ୍ରମୁଖ ଉପଲବ୍ଧି ପ୍ରାପ୍ତ ହୋଇଛି । ସେଗୁଡ଼ିକ ହେଲା :

୧. ବିଦ୍ୟାର୍ଥୀମାନଙ୍କ ସଫଳତା ଅଧିକ ହୋଇଥାଏ ଯେତେବେଳେ ସେମାନେ ଶିକ୍ଷଣ କ୍ରିୟାକଳାପ (ପ୍ରୟୋଗ କରିବା, ଅନୁଧ୍ୟାନ କାର୍ଯ୍ୟ, ଅଭ୍ୟାସ କାର୍ଯ୍ୟ, ଆଲୋଚନା, ସମସ୍ୟା ସମାଧାନ ଏବଂ ପଠନ)ରେ ଅଧିକ ସମୟ ବିନିଯୋଗ କରିଥାନ୍ତି ।

୨. ବିଦ୍ୟାର୍ଥୀମାନେ ଉପଯୋଗ କରୁଥିବା ସମୟ ପରିମାଣ ଭିନ୍ନ ଭିନ୍ନ ଶ୍ରେଣୀକକ୍ଷରେ ଭିନ୍ନଭିନ୍ନ ହୋଇଥାଏ ।

ପରନ୍ତୁ ଶିକ୍ଷା ଅଧିକାର ଆଇନ-୨୦୦୯ ଅନୁସାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପାଇଁ ଏକ ଶିକ୍ଷା ବର୍ଷରେ ୮୦୦ ପାଠ୍ୟଦାନ ଘଣ୍ଟା ଏବଂ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପାଇଁ ୧୦୦୦ପାଠ୍ୟଦାନ ଘଣ୍ଟା ବାଧ୍ୟତାମୂଳକ । ଜଣେ ଶିକ୍ଷକ ସପ୍ତାହକୁ ସର୍ବନିମ୍ନ ୪୫ ଘଣ୍ଟା ଶିକ୍ଷାଦାନ ଓ ପ୍ରସ୍ତୁତି ପାଇଁ ବିନିଯୋଗ କରିବେ ।

ଗୋଟିଏ ବିଷୟ ପାଇଁ ସମୟସୂଚୀ ପ୍ରସ୍ତୁତ କରିବା ଅଥବା ଅଧିକ ସମୟ ପ୍ରଦାନ ଦ୍ୱାରା ତୁମେ ତୁମ ବିଦ୍ୟାର୍ଥୀଙ୍କ ପାଇଁ ଅଧିକ ସୁଯୋଗ ସୃଷ୍ଟି କରିପାରିବ । ନିୟୋଜିତ ସମୟ ଶ୍ରେଣୀକକ୍ଷ ଶିକ୍ଷଣର ସାର ଅଟେ । ଏହି ସମୟ ହେଲା, ତୁମ ବିଦ୍ୟାର୍ଥୀ କୌଣସି ପ୍ରଦତ୍ତ କ୍ରିୟାକଳାପ ସମ୍ପାଦନ ପାଇଁ ଉପଯୋଗ କରିଥିବା ସମୟ । ଯେପରିକି ଲିଖିତ ପ୍ରଦତ୍ତ କାର୍ଯ୍ୟ ସମ୍ପାଦନ, କୌଣସି ସମସ୍ୟା ସଂକ୍ରାନ୍ତରେ ସାମୂହିକ ଚର୍ଚ୍ଚା କରିବା, ମନେମନେ ପଢ଼ିବା ଏବଂ ତୁମେ କୌଣସି ବିଷୟର ବ୍ୟାଖ୍ୟା କରୁଥିବାବେଳେ ମନଯୋଗ ସହକାରେ ଶୁଣିବା ଇତ୍ୟାଦି ।

ଟିପ୍ପଣୀ

ବାସ୍ତବରେ ଶ୍ରେଣୀକକ୍ଷରେ ତୁମର ସମସ୍ତ ସମୟ ଶିକ୍ଷଣ କାର୍ଯ୍ୟରେ ଉପଯୋଗ ହୋଇନଥାଏ । କିଛି ସମୟ ଉପସ୍ଥାନ ନେବାରେ ବା ଗୋଟିଏ କ୍ରିୟାକଳାପରୁ ଅନ୍ୟ କ୍ରିୟାକଳାପକୁ ଯିବା କାର୍ଯ୍ୟରେ ମଧ୍ୟ କିଛି ସମୟ ଅତିବାହିତ ହୋଇଥାଏ । ଛାତ୍ରଛାତ୍ରୀଙ୍କ କେତେକ ଅନର୍ଗଳ ତଥା ଅବାସ୍ତବ ପ୍ରଶ୍ନ ସମାଧାନରେ ତୁମେ ମଧ୍ୟ କିଛି ସମୟ କଟାଇଥାଅ । ତୁମେ ନିଜ ଶ୍ରେଣୀ ବିଷୟରେ ଚିନ୍ତା କର । ତୁମ ବିଦ୍ୟାର୍ଥୀ ଶିକ୍ଷଣ ପାଇଁ ପ୍ରସ୍ତୁତ ହେବାକୁ କେତେ ସମୟ ନେଇଥାନ୍ତି ? ସେମାନେ କ'ଣ ତୁମେ ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତି କି ? ପିରିୟଡ଼ ଶେଷ ହେବା ପୂର୍ବରୁ ସେମାନେ ଅସ୍ତବ୍ୟସ୍ତ ହୁଅନ୍ତି କି ? ଲିଖିତ ଦଳଗତ କାର୍ଯ୍ୟ ଏକାଠି କରିବା ପାଇଁ କେତେ ସମୟ ଦେବାକୁ ପଡିଥାଏ ? ଏହି ଅପେକ୍ଷା କରିବାର ସମୟରେ ବିଦ୍ୟାର୍ଥୀଙ୍କ ପାଇଁ କୌଣସି କାର୍ଯ୍ୟ ନଥାଏ, ଏଣୁ ସେମାନେ ପରସ୍ପର ମଧ୍ୟରେ ଆମୋଦପ୍ରମୋଦ ଯଥା-କଥାବାର୍ତ୍ତା କରିବା, ଖେଳିବା, ଦୁଷ୍ଟାମି କରିବା ଇତ୍ୟାଦିରେ ନିୟୋଜିତ କରିଥାନ୍ତି । ପିଲାମାନଙ୍କ ଧ୍ୟାନ ଆକର୍ଷଣ କରିବା ଏବଂ ପରବର୍ତ୍ତୀ କ୍ରିୟାକଳାପ ପାଇଁ ସେମାନଙ୍କୁ ପ୍ରସ୍ତୁତ କରିବାରେ ମଧ୍ୟ ଆଉ କିଛି ମୂଲ୍ୟବାନ ସମୟ ନଷ୍ଟ ହୋଇଥାଏ । ତୁମ ଶ୍ରେଣୀକକ୍ଷ ପରିଚାଳନା ପଦ୍ଧତିରେ ପିଲାମାନେ ସତେଜ, ସତର୍କ, ସଜାଗ ଓ ବ୍ୟସ୍ତ ରହିବା ଆବଶ୍ୟକ । ନିମ୍ନଲିଖିତ ଉପାୟରେ ତୁମେ ସମୟ ପରିଚାଳନା କରିପାରିବ ।

- ଶ୍ରେଣୀକକ୍ଷ କ୍ରିୟାକଳାପ ପାଇଁ ନିଜକୁ ପ୍ରସ୍ତୁତ କର । କ୍ରିୟାକଳାପର ପରବର୍ତ୍ତନ ପଦକ୍ଷେପ (ସୋପାନ) କ'ଣ ସେ ସଂକ୍ରାନ୍ତରେ ନିଶ୍ଚିତ ହୁଅ ।
- ସମସ୍ତ ସାମଗ୍ରୀ ପ୍ରସ୍ତୁତ ରଖ ଏବଂ ପିଲାମାନଙ୍କୁ ଏହା ମନେପକାଇ ଦିଅ ଯେ ଯେତେବେଳେ ସେମାନେ ଗୋଟିଏ କ୍ରିୟାକଳାପରୁ ଆଉ ଗୋଟିଏକୁ ଯାଉଛନ୍ତି ତୁମେ ସେମାନଙ୍କଠାରୁ କ'ଣ ଆଶା କରୁଛ ?
- ଅତ୍ୟନ୍ତ ସ୍ପଷ୍ଟ, ସରଳ ଓ ମୌଖିକ ନିର୍ଦ୍ଦେଶ ଦିଅ ।
- ଶ୍ରେଣୀକକ୍ଷକୁ ଏପରି ବ୍ୟବସ୍ଥିତ କର, ଯେମିତି ବିଦ୍ୟାର୍ଥୀମାନେ ଗୋଟିଏ ଶିକ୍ଷଣକାର୍ଯ୍ୟପରେ ଆଉ ଗୋଟିଏକୁ ଗଲେ ସେମାନଙ୍କୁ ବାରମ୍ବାର ସ୍ଥାନ ଛାଡ଼ିବାକୁ

ପଡ଼ିବ ନାହିଁ ।

- ତୁମ ବିଷୟବସ୍ତୁ ଯଥା ସମ୍ଭବ ଆରମ୍ଭ କର । ଏହା ସତ୍ୟ ଯେ ଛାତ୍ରଛାତ୍ରୀଙ୍କ ମଧ୍ୟରୁ କେତେକ ଶିକ୍ଷଣ ପାଇଁ ପ୍ରସ୍ତୁତ ନଥିବେ । ଏଣୁ ଏକ ତ୍ୱରିତ ଓ ନିର୍ଣ୍ଣୟାତ୍ମକ ଆରମ୍ଭ ଦୁର୍ବଳ ପିଲାମାନଙ୍କୁ ମଧ୍ୟ ଗତିଶୀଳ କରାଇବ । ଉତ୍ତମଭାବେ ପ୍ରସ୍ତୁତ ପାଠ୍ୟ ଯୋଜନା ତୁମ ସମୟ ଅପଚୟ ହ୍ରାସ କରିବ ।
- ଏକ ନୂତନ କ୍ରିୟାକଳାପ ଆରମ୍ଭ କରିବା ପୂର୍ବରୁ ଏହା ନିଶ୍ଚିତ ହୁଅ ଯେ ଅଧିକାଂଶ ବିଦ୍ୟାର୍ଥୀ ଏହାକୁ ସମ୍ପୂର୍ଣ୍ଣ କରିବାର ସୁଯୋଗ ପାଇବେ ।
- ଶେଷ କରିଥିବା ଲିଖିତ କାର୍ଯ୍ୟ ବା ପ୍ରକଳ୍ପ (ବିଷୟଓ୍ୱାରୀ)ରେ ନିଜ ନିଜ ନାଁ ଲେଖି କେଉଁଠାରେ ଦାଖଲ କରିବାକୁ ହେବ ବିଦ୍ୟାର୍ଥୀମାନେ ଜାଣିବା ଉଚିତ ।
- ବିଦ୍ୟାର୍ଥୀମାନେ ଏକ ଶୈକ୍ଷିକ କ୍ରିୟାକଳାପ ଯଥା-ପଠନ, ଲିଖନ, ସମସ୍ୟା ସମାଧାନ ବା ପ୍ରୟୋଗାତ୍ମକ କାର୍ଯ୍ୟରୁ ଏକ ଅଣଶୈକ୍ଷିକ କାର୍ଯ୍ୟ ଯେପରି ରିସେସ୍, ଖେଳ ଏବଂ ବ୍ୟାୟାମକୁ ସ୍ଥାନାନ୍ତର ସମୟରେ ଶ୍ରେଣୀକକ୍ଷ ଛାଡୁଥିବାରୁ କ'ଣ କରିବାକୁ ହେବ ଏବଂ କିପରି ବ୍ୟବହାର ପ୍ରଦର୍ଶନ କରିବେ ସେମାନେ ଜାଣିବା ଦରକାର ।
- ଶ୍ରେଣୀରେ ହୋହଲ୍ଲା ରୋକିବା ପାଇଁ ପ୍ରତ୍ୟେକ ବିଦ୍ୟାର୍ଥୀଙ୍କୁ ଗୋଟିଏ ଧାଡିରେ ବା ଅନ୍ୟ ଧାଡିରେ ଭିନ୍ନ ଭିନ୍ନ ସ୍ଥାନରେ ବସାଅ ।
- କୌଣସି ନୂତନ କ୍ରିୟାକଳାପ ଆରମ୍ଭ କରିବା ପୂର୍ବରୁ ତୁମେ ତାହା ସଂପାଦନ ପାଇଁ ବିଦ୍ୟାର୍ଥୀଙ୍କୁ ଏକ ଛୋଟ ଲେଖା ଦିଅ । କଳାପଟାରେ କୌଣସି ପ୍ରଶ୍ନ ଲେଖି ଏହାର ସମାଧାନ ଚିନ୍ତା କରିବାକୁ କୁହ । ଏହା ଦ୍ୱାରା ତୁମେ ନୂତନ କ୍ରିୟାକଳାପ ସାମଗ୍ରୀକୁ ଯୋଗାଡ଼ କରିବା ପାଇଁ ପର୍ଯ୍ୟାପ୍ତ ସମୟ ପାଇପାରିବ ।

ଟିପ୍ପଣୀ

କ୍ରିୟାକଳାପ-୪

ତୁମେ ତୁମର ଜଣେ ସହକର୍ମୀ ନେଉଥିବା ଏକ ପିରିୟଡ଼ (୪୦-୪୫ ମିନିଟ୍)କୁ ଅନୁଧ୍ୟାନ କରି ନିମ୍ନଲିଖିତ ଶୂନ୍ୟସ୍ଥାନ ପୂରଣ କର ।

ଶିକ୍ଷକଙ୍କ ନାମ ............................................ ତାରିଖ ....................

ବିଦ୍ୟାଳୟ ........................................ ଅନୁଧ୍ୟାନକାରୀ .....................

ଶ୍ରେଣୀକକ୍ଷ କ୍ରିୟାକଳାପ ଆରମ୍ଭ ଓ ଶେଷ ସମୟ .......................................

ଉପସ୍ଥାନ ଗ୍ରହଣ .........................................................................

ଗୃହକାର୍ଯ୍ୟ ସଂଗ୍ରହ ......................................................................

ଦଳ ଗଠନ .........................................................................

କ୍ରିୟାକଳାପ ଅବଧାରଣା ବ୍ୟାଖ୍ୟାନ ......................................................

ଶିକ୍ଷାଦାନ-ଶିକ୍ଷଣ ସାମଗ୍ରୀ ବଣ୍ଟନ ........................................................

ସାମୂହିକ ବା ଦଳଗତ କ୍ରିୟାକଳାପ ........................................................

ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ କରିବା ..........................................................

ଲିଖିତ କାର୍ଯ୍ୟ ସଂଶୋଧନ ...............................................................

କ୍ରିୟାକଳାପ ଏକତ୍ରିକରଣ ................................................................

ଗୋଟିଏ କ୍ରିୟାକଳାପରୁ ଅନ୍ୟ ଗୋଟିଏକୁ ସ୍ଥାନାନ୍ତରଣ .................................

ବାହ୍ୟ ହସ୍ତକ୍ଷେପ .......................................................................

ସମ୍ପାଦିତ ଅନ୍ୟ କୌଣସି କ୍ରିୟାକଳାପ(ଉଲ୍ଲେଖ କର) .................................

### ୫.୩.୨ ଶ୍ରେଣୀକକ୍ଷରେ ସ୍ଥାନ ପରିଚାଳନା

ସୁସଂଗଠିତ ଓ ସୁସଜ୍ଜିତ ଶ୍ରେଣୀକକ୍ଷ ଶିକ୍ଷଣ ପାଇଁ ବିଦ୍ୟାର୍ଥୀଙ୍କୁ ପ୍ରୋତ୍ସାହିତ କରିଥାଏ । ତୁମେ ତୁମ ବିଦ୍ୟାର୍ଥୀଙ୍କ ପ୍ରତି ଯତ୍ନବାନ ବୋଲି ଏହା ସୂଚାଏ । ତୁମ ଶ୍ରେଣୀକକ୍ଷରେ ଶିକ୍ଷଣ ନିମନ୍ତେ ସକାରାତ୍ମକ ପରିବେଶ ଗଠନ ପାଇଁ ଛାତ୍ରଛାତ୍ରୀଙ୍କ ପ୍ରବେଶ ପୂର୍ବରୁ ଆବଶ୍ୟକ ସମସ୍ତ ସାମଗ୍ରୀ ସୁବ୍ୟବସ୍ଥିତ ହୋଇଥିବା ନିଶ୍ଚିତ କର । ଏପରିକି, ଜଣେ ଉତ୍ତମ ଶିକ୍ଷକ କମ୍

ସାଧନ ଥିବା ଏକ ଛୋଟ ବିଦ୍ୟାଳୟରେ ଶିକ୍ଷଣ ଅନୁକୂଳ ଏକ ଉତ୍ତମ ତଥା ସୁବ୍ୟବସ୍ଥିତ ଶ୍ରେଣୀକକ୍ଷ ଗଠନ କରିପାରିବେ । ଶ୍ରେଣୀକକ୍ଷର କେତେକ ଉପାଦାନ ସମ୍ପର୍କରେ ଆସ ଆଲୋଚନା କରିବା ଯାହା ଶ୍ରେଣୀକକ୍ଷ ସ୍ଥାନର ଉପଯୁକ୍ତ ଉପଯୋଗ ପାଇଁ ସଂଗଠିତ ହେବା ଆବଶ୍ୟକ କରେ ।

- **ଶ୍ରେଣୀକକ୍ଷର ଆସବାବପତ୍ର ଓ ଚଟାଣ ସ୍ଥାନ:** ତୁମ ଶ୍ରେଣୀକକ୍ଷ ପାଇଁ ଆସବାବପତ୍ର ଓ ଚଟାଣ ସ୍ଥାନ ଚୟନ ପାଇଁ ନିମ୍ନରେ କେତେକ ନିୟମାବଳୀ ଦିଆଗଲା-

ପ୍ରାଥମିକ ବିଦ୍ୟାଳୟର ଅଧିକାଂଶ ଶ୍ରେଣୀକକ୍ଷରେ ଛାତ୍ରଛାତ୍ରୀମାନେ ଚଟାଣରେ ବସନ୍ତି ଏବଂ କେତେକ ବିଦ୍ୟାଳୟରେ ବେଞ୍ଚରେ ବସିଥାନ୍ତି । ଉପଲବ୍ଧ ସ୍ଥାନ ଏବଂ କ୍ରିୟାକଳାପର ପ୍ରକୃତି ଅନୁସାରେ ତୁମେ ଭିନ୍ନଭିନ୍ନ ପ୍ରକାର ବସିବା ବ୍ୟବସ୍ଥା ଯଥା-ଧାଡ଼ି ଧାଡ଼ି କରି, ଅର୍ଦ୍ଧଗୋଲାକାର ସଦୃଶ, ବୃତ୍ତାକାର, ମୁହାଁମୁହିଁ ଇତ୍ୟାଦି ଆୟୋଜନ କରିପାର । ଏସଂକ୍ରାନ୍ତରେ ୫.୪.୩ ବିଭାଗରେ ଆଲୋଚନା କରାଯିବ । କକ୍ଷର ସମସ୍ତ ଆସବାବପତ୍ରକୁ ସୁଗମ କର ଯେମିତି ଆବଶ୍ୟକ ସମୟରେ ତୁମେ ଯେକୌଣସି ବିଦ୍ୟାର୍ଥୀଙ୍କ ନିକଟକୁ ସହଜରେ ଯାଇପାରିବ ଏବଂ ପିଲାମାନେ ମଧ୍ୟ ସହଜରେ ଗତି କରିପାରିବେ ।

ପିଲାମାନେ କ୍ରିୟାକଳାପ କରୁଥିଲାବେଳେ ବ୍ୟକ୍ତିଗତଭାବେ ତୁମେ ପ୍ରତ୍ୟେକ ପିଲାକୁ ଲକ୍ଷ୍ୟ କର ଏବଂ ନଜର ରଖ । ଏହା ଅତ୍ୟନ୍ତ ଜରୁରୀ ଅଟେ । ଶ୍ରେଣୀକକ୍ଷରେ ଏକ ବିଶେଷ ସ୍ଥାନରେ ଥାକ, ଆଲମାରୀ ଏବଂ ଅନ୍ୟ ଆସବାବପତ୍ର ରଖ, ଯେଉଁଥିରେ ତୁମେ ବିଭିନ୍ନ ପ୍ରକାର ଶିକ୍ଷାଦାନ-ଶିକ୍ଷଣ ସାମଗ୍ରୀ(TLM) ରଖି ପାରିବ । ପରବର୍ତ୍ତୀ ଏକକରେ ତୁମେ ଶିକ୍ଷାଦାନ-ଶିକ୍ଷଣ ସାମଗ୍ରୀ (TLM)କୁ କିପରି ବ୍ୟବସ୍ଥିତ ଢଙ୍ଗରେ ରଖିପାରିବ ଜାଣିବ ।

- **କାନ୍ଥ ପୃଷ୍ଠ ଏବଂ ବୁଲେଟିନ୍ ବୋର୍ଡ଼:** କାନ୍ଥର ପୃଷ୍ଠ ଓ ବୁଲେଟିନ୍ ବୋର୍ଡ଼ ଏକ ଶ୍ରେଣୀକକ୍ଷକୁ ଜୀବନ୍ତ ଓ ଆକର୍ଷଣୀୟ କରେ ଏବଂ ବିଦ୍ୟାର୍ଥୀଙ୍କ ସଫଳତା ଓ ସ୍ୱାଧୀନତାରେ ଉଲ୍ଲେଖନୀୟ ଯୋଗଦାନ କରେ ।

ଟିପ୍ପଣୀ

**କ୍ରିୟାକଳାପ-୫**

ତୁମ ବିଦ୍ୟାଳୟର ବିଭିନ୍ନ ଶ୍ରେଣୀକକ୍ଷ (ପ୍ରଥମରୁ ପଞ୍ଚମ)କୁ ଅନୁଧ୍ୟାନ କର । କାନ୍ଥ ପୃଷ୍ଠ ବିଦ୍ୟାର୍ଥୀଙ୍କ ଶିକ୍ଷଣ ପାଇଁ କିପରି ଉପଯୋଗ ହୋଇଛି ? ଶ୍ରେଣୀକକ୍ଷର କାନ୍ଥରେ କେଉଁ ପ୍ରକାରର କ୍ରିୟାକଳାପ କରାଯାଇଛି ? ଶ୍ରେଣୀ ପାଇଁ ତାହା ପ୍ରାସଙ୍ଗିକ କି ? ତୁମ ଅନୁଧ୍ୟାନ ଲେଖିରଖ ।

ଶ୍ରେଣୀକକ୍ଷରେ କାନ୍ଥ ପୃଷ୍ଠ ଓ ବୁଲେଟିନ୍ ବୋର୍ଡ଼ ବିଷୟରେ ଚିନ୍ତାକରିବା ବେଳେ ନିମ୍ନଲିଖିତ ପ୍ରସ୍ତାବକୁ ବିଚାର କରାଯିବା ଆବଶ୍ୟକ:

- ଯଦି ତୁମେ ବିଦ୍ୟାର୍ଥୀଙ୍କ ଦଳଗତ କାର୍ଯ୍ୟର ଚାର୍ଟ / ପ୍ରକଳ୍ପ ପାଇଁ କାନ୍ଥ ପୃଷ୍ଠ ବ୍ୟବହାର କରିବାକୁ ଚାହୁଁଛ, ତେବେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ସ୍ପଷ୍ଟ ଦେଖାଯିବା ପରି ଏକ କେନ୍ଦ୍ର ସ୍ଥଳକୁ ବ୍ୟବହାର କର ।
- ନିର୍ଦ୍ଦିଷ୍ଟ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ କ୍ରିୟାକଳାପକୁ କାନ୍ଥରେ ଚିତ୍ରଣ ବା ଅଙ୍କନ କରାଯାଇପାରେ; ଯାହା ଦ୍ୱାରା ବିଦ୍ୟାର୍ଥୀମାନେ ବ୍ୟକ୍ତିଗତ ବା ସାମୂହିକଭାବେ ସେହି କ୍ରିୟାକଳାପ ସମ୍ପାଦନ କରିବେ ଏବଂ ଶିକ୍ଷାଲାଭ କରିପାରିବେ ।
- ଉତ୍ତମ ବିଦ୍ୟାର୍ଥୀଙ୍କ କ୍ରିୟାକଳାପକୁ ଅନ୍ୟମାନଙ୍କ ଉଦାହରଣ ଭାବେ ସ୍ଥାନିତ କରିବାକୁ କିଛି ସ୍ଥାନ ଚିହ୍ନଟ କରିବା ଉଚିତ୍ ହେବ,
- କାନ୍ଥରେ କିଛି ଅଂଶ ଖାଲି ରଖାଯିବା ଉଚିତ । ଫଳରେ ବିଦ୍ୟାର୍ଥୀମାନେ ନିଜ ନିଜ ଇଚ୍ଛା ଅନୁସାରେ ସେହିସ୍ଥାନରେ କ୍ରିୟାକଳାପ ସମ୍ପାଦନ କରିପାରିବେ ।
- କାନ୍ଥ ଏବଂ ବୁଲେଟିନ୍ ବୋର୍ଡ଼ରେ ଏପରି କିଛି ସ୍ଥାନ ଖାଲି ରଖାଯିବା ଆବଶ୍ୟକ, ଯେଉଁଥିରେ ତୁମେ ବା ତୁମ ବିଦ୍ୟାର୍ଥୀମାନେ ପସନ୍ଦ ଅନୁସାରେ କିଛି ଲେଖି ପାରିବେ ।

କେତେକ ମୌଳିକ ଆବଶ୍ୟକତା ଯଥା-ଆସବାବପତ୍ର ବ୍ୟବସ୍ଥା, କାନ୍ଥ ପୃଷ୍ଠ, ବୁଲେଟିନ୍ ବୋର୍ଡ଼ ସମେତ ଏକ ବିକଶିତ ଓ ସମୃଦ୍ଧ ଶ୍ରେଣୀକକ୍ଷ ପରିବେଶ ଗଠନ ପାଇଁ ତୁମକୁ ମଧ୍ୟ କିଛି ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି । ଶ୍ରେଣୀକକ୍ଷ କାନ୍ଥରେ ଏକାଧିକ ତଥ୍ୟ ତାଲିକା ଯଥା-ଉପସ୍ଥାନ ପାଇଁ ଦୃଶ୍ୟ ଫଳକ (ସାଇନ୍ ବୋର୍ଡ଼), ରଙ୍ଗ ତାଲିକା, ଶବ୍ଦ

ତାଲିକା, ସଂଗୀତ, ଢଗଢମାଳି, ଦୈନନ୍ଦିନ କାର୍ଯ୍ୟ ଏବଂ ଅନ୍ୟାନ୍ୟ କ୍ରିୟାକଳାପ ଆଦି ଚିତ୍ରଣ ଓ ଅଙ୍କନ କରାଯିବା ଉଚିତ । ଏକ ମେସେଜ୍ ବୋର୍ଡ୍ (ବାର୍ତ୍ତା ପଟା) ମଧ୍ୟ ଏକ ପ୍ରମୁଖ ସ୍ଥାନରେ ଲଗାଯିବା ଆବଶ୍ୟକ, ଯେଉଁଥିରେ ତୁମେ ଓ ତୁମ ବିଦ୍ୟାର୍ଥୀମାନେ ପରସ୍ପର ଉଦ୍ଦେଶ୍ୟରେ କିଛି ବାର୍ତ୍ତା ଲେଖି ପାରିବେ । ଗଳ୍ପ ବହି, ବଡ଼ ବହି, କାର୍ଟୁନ୍ ବହି, ଅନୁସରଣ ପୁସ୍ତିକା ଆଦି ପାଇଁ ଏକ ସ୍ୱତନ୍ତ୍ର ଥାକ ସ୍ଥାପନ କରାଯିବା ଆବଶ୍ୟକ ।

କାନ୍ଥକୁ ବିଭିନ୍ନ କ୍ରିୟାକଳାପରେ ଚିତ୍ରଣ କର ଯାହା ଏକ ନିର୍ଦ୍ଦିଷ୍ଟ ଶ୍ରେଣୀର ଅବଧାରଣା/ନିପୁଣତା ସହ ସମ୍ପର୍କିତ ହୋଇଥିବ । କାନ୍ଥରେ ଲେଖାଯାଇଥିବା ଏହି ସବୁ କ୍ରିୟାକଳାପ ସଂକ୍ରାନ୍ତ ବିଷୟ ବସ୍ତୁକୁ ବିଦ୍ୟାର୍ଥୀମାନେ ସାମୂହିକଭାବେ ଚର୍ଚ୍ଚା କରିବେ ଏବଂ ଶିକ୍ଷାଲାଭ କରିବେ । ଅଧିକାଂଶ ସମୟରେ କାନ୍ଥରେ ଚିତ୍ରଣ କରାଯାଇଥିବା କ୍ରିୟାକଳାପ ସ୍ୱ-ଅଧ୍ୟୟନକୁ ପ୍ରୋତ୍ସାହିତ କରିଥାଏ । ଏପରିକି, ଶିକ୍ଷକଙ୍କ ଅନୁପସ୍ଥିତିରେ ବି କାନ୍ଥ କ୍ରିୟାକଳାପକୁ ଅନୁସରଣ କରି ପିଲାମାନଙ୍କୁ ଶିକ୍ଷଣ ପ୍ରକ୍ରିୟାରେ ନିୟୋଜିତ କରାଯାଇ ପାରେ ।

- **ଶିକ୍ଷଣ ସାମଗ୍ରୀ**

ଯେପରି ଭାବରେ ଆସବାବପତ୍ର, ଚଟାଣ ଓ କାନ୍ଥ ପୃଷ୍ଠର ଉପଯୁକ୍ତ ବ୍ୟବହାର ଶିକ୍ଷଣ କ୍ରିୟାକଳାପ ପ୍ରତି ଶିକ୍ଷାର୍ଥୀଙ୍କ ଆଗ୍ରହ ବୃଦ୍ଧିରେ ସହାୟକ ହୋଇଥାଏ ସେହିପରି ଭାବରେ ଶିକ୍ଷଣ ସାମଗ୍ରୀକୁ ବ୍ୟବସ୍ଥିତ କରିବାକୁ ଯତ୍ନର ସହ ଯୋଜନା ମଧ୍ୟ ଏହି ସବୁ ଲକ୍ଷ୍ୟ ପ୍ରାପ୍ତିରେ ସହାୟକ ହୋଇଥାଏ । ଶ୍ରେଣୀକକ୍ଷରେ ଶିକ୍ଷଣ ସାମଗ୍ରୀକୁ ଉପଯୁକ୍ତ ଢଙ୍ଗରେ ରଖିବା ପାଇଁ ନିମ୍ନଲିଖିତ ଦିଗକୁ ବିଚାର କରାଯିବା ଉଚିତ ।

- ଅଧିକାଂଶ ସମୟରେ ବ୍ୟବହୃତ ହେଉଥିବା ସାମଗ୍ରୀ ଯଥା-ବହି, କାଗଜ, ଖାତା, ପେନ୍‌ସିଲ୍, ରବର, ରଙ୍ଗପେନ୍‌ସିଲ୍, ପରୀକ୍ଷାଗାର ଉପକରଣ ଇତ୍ୟାଦିକୁ ବିଦ୍ୟାର୍ଥୀମାନେ ସହଜରେ ପାଇପାରୁଥିବା ସ୍ଥାନରେ ଗଚ୍ଛିତ ରଖ । କମ୍ ବ୍ୟବହୃତ ଶିକ୍ଷଣ ସାମଗ୍ରୀକୁ କକ୍ଷର ଅନ୍ୟ କୌଣସି ଅପହଞ୍ଚ ସ୍ଥାନରେ ରଖାଯାଇ ପାରେ ।
- କେବଳ ଶିକ୍ଷକ ଦରକାର କରୁଥିବା ସାମଗ୍ରୀକୁ ଛାତ୍ରଛାତ୍ରୀଙ୍କ ଠାରୁ ଦୂରରେ ସ୍ଥାନିତ କର ।

ଟିପ୍ପଣୀ

- ସାମଗ୍ରୀଗୁଡ଼ିକୁ ଟେବୁଲ ବା ଥାକରେ ଏଣେତେଣେ ନପକାଇ ସୁନ୍ଦର ଓ ପରିଷ୍କାରଭାବେ ରଖିବାକୁ ବାକ୍ସ ବ୍ୟବହାର କର ।
- ବିଦ୍ୟାର୍ଥୀମାନେ ଯେଉଁସ୍ଥାନରେ ସେମାନଙ୍କ ସଂପୂର୍ଣ୍ଣ କରିଥିବା କାର୍ଯ୍ୟଫର୍ଦ୍ଦ ରଖିବେ ତାହାକୁ ଚିହ୍ନଟ ଓ ନାମିତ କର । ପ୍ରାରମ୍ଭିକ ଶ୍ରେଣୀ କକ୍ଷ ଯେଉଁଠାରେ ଶିକ୍ଷକ ଏକାଧିକ ବିଷୟରେ ଶିକ୍ଷାଦାନ କରନ୍ତି ସେଠାରେ ପ୍ରତ୍ୟେକ ବିଷୟ ପାଇଁ ଭିନ୍ନଭିନ୍ନ ବାକ୍ସ ବା ଟ୍ରେ ବ୍ୟବହାର କର । ଯେଉଁ ବିଦ୍ୟାର୍ଥୀମାନେ କେବଳ ପଢ଼ିବା ଶିଖୁଛନ୍ତି (ସାଧାରଣତଃ ପ୍ରଥମ ଶ୍ରେଣୀ) ସେମାନଙ୍କ ପାଇଁ ରଙ୍ଗିନ ଚିହ୍ନ ବା ମୋହରଯୁକ୍ତ ନିର୍ଦ୍ଦିଷ୍ଟ ବାକ୍ସ ବା ଟ୍ରେ ସଜାଡ଼ି ରଖ; ଯାହା ଦ୍ୱାରା ଶିକ୍ଷାର୍ଥୀମାନେ ସହଜରେ ତାହାକୁ ଚିହ୍ନଟ କରିପାରିବେ ।

ଶ୍ରେଣୀକକ୍ଷରେ ଶିକ୍ଷାଦାନ-ଶିକ୍ଷଣ ସାମଗ୍ରୀର ପ୍ରସ୍ତୁତି, ଉପଯୋଗ ଏବଂ ସଂଗ୍ରହ ତଥା ରକ୍ଷଣାବେକ୍ଷଣ ସଂକ୍ରାନ୍ତରେ ଏକକ ୬ରେ ସବିଶେଷ ଆଲୋଚନା କରାଯିବ ।

### ୫.୩.୩ କ୍ରିୟାକଳାପ ଆଧାରିତ ଶ୍ରେଣୀକକ୍ଷରେ ବସିବା ବ୍ୟବସ୍ଥା

ତୁମେ ପିଲାଙ୍କ ସହ ଶ୍ରେଣୀକକ୍ଷରେ ସମ୍ପାଦନ କରୁଥିବା ବିଭିନ୍ନ ପ୍ରକାର କ୍ରିୟାକଳାପ ସମ୍ପର୍କରେ ଭାଗ ୧ର ଚତୁର୍ଥ ଏକକରେ ଶିଖିଛ । ବେଳେବେଳେ ତୁମେ ସେମାନଙ୍କୁ ଗପ ଶୁଣାଅ, ସେମାନଙ୍କ ସହ ଗୀତ ଗାନ କର ବା କିଛି ଉପଯୋଗୀ ପ୍ରୟୋଗ ଏବଂ ପ୍ରାସଙ୍ଗିକ ଆଲୋଚନା ମଧ୍ୟ କରିଥାଅ । ତୁମର ବିଭିନ୍ନ କ୍ରିୟାକଳାପରେ ତୁମ ଛାତ୍ରଛାତ୍ରୀମାନେ ସମାନ ପ୍ରକାରରେ ବସିଥାନ୍ତି କି ? ବିଭିନ୍ନ ଉଦ୍ଦେଶ୍ୟ ସାଧନ ପାଇଁ ଭିନ୍ନଭିନ୍ନ ପ୍ରକାର ବସିବା ବ୍ୟବସ୍ଥା ଥିବାରୁ ସେମାନେ ଗୋଟିଏ ପ୍ରକାର ସ୍ଥିତିରେ ବସିନଥାନ୍ତି । ଏହି ବିଭାଗରେ ସେହି ବିଷୟରେ ଆଲୋଚନା କରାଯାଇଛି ।

ନିମ୍ନଲିଖିତ ପରିସ୍ଥିତି ଦ୍ୱୟକୁ ପଢ଼:

**ପରିସ୍ଥିତି-୨ :** ମି. ରମେଶ ତୃତୀୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ପଢ଼ାନ୍ତି । ଦିନେ ସେ ତାଙ୍କ ଛାତ୍ରଛାତ୍ରୀଙ୍କୁ ଏକ ଗଳ୍ପ କହିଲେ । ଛାତ୍ରଛାତ୍ରୀମାନେ ଧାଡ଼ିରେ ବସିଥିଲେ । ଗଳ୍ପ କହିବା ସମୟରେ ସେ ତତ୍‌ସମ୍ପର୍କିତ କେତେକ ଛବି ମଧ୍ୟ ପ୍ରଦର୍ଶନ କରୁଥିଲେ ଏବଂ କିଛି ପ୍ରଶ୍ନ


ଟିପ୍ପଣୀ

ମଧ୍ୟ ପଚାରୁଥିଲେ । ପଛ ଧାଡ଼ିରେ ବସିଥିବା କିଛି ଛାତ୍ରଛାତ୍ରୀ ଶିକ୍ଷକ ଏବଂ ସେହିସବୁ ଛବିକୁ ଦେଖି ପାରୁନଥିଲେ । ସେମାନେ ପରସ୍ପର ସହ କଥା ହେଉଥିଲେ ଏବଂ ଅମନଯୋଗୀ ଥିଲେ । ଗଳ୍ପ ବର୍ଣ୍ଣନା କରିସାରିବା ପରେ ଗଳ୍ପଟିକୁ କ୍ରମାନୁସାରେ ଲେଖିବାକୁ ପ୍ରତ୍ୟେକ ପିଲାଙ୍କୁ ସେ କହିଲେ ।

**ପରିସ୍ଥିତି-୩:** ମି. ହରିଶ ଜଣେ ପ୍ରାରମ୍ଭିକ ଶ୍ରେଣୀ ଶିକ୍ଷକ । ଦିନେ ସେ ତୃତୀୟ ଶ୍ରେଣୀ ପିଲାଙ୍କୁ ଗପ କହୁଥିଲେ । ସେ ଛାତ୍ରଛାତ୍ରୀଙ୍କୁ ଇଂରାଜୀ ଅକ୍ଷର **'U'** ଆକାରରେ ବସାଇଥିଲେ, ଯେପରି ସେ ସବୁ ଛାତ୍ରଛାତ୍ରୀଙ୍କ ମୁହଁ ଠିକ୍ ଭାବରେ ଦେଖି ପାରିବେ । କାହାଣୀ କହିବା ସମୟରେ ସେ ପିଲାମାନଙ୍କୁ କିଛି ଚିତ୍ର ଦେଖାଉଥିଲେ ଏବଂ ପ୍ରଶ୍ନ ମଧ୍ୟ ପଚାରୁଥିଲେ । ସେ ମଧ୍ୟ ଆଗକୁ କ'ଣ ହେବ ଚିନ୍ତା କରି କହିବା ପାଇଁ ପିଲାଙ୍କୁ ପ୍ରଶ୍ନ କରୁଥିଲେ । ପ୍ରତ୍ୟେକ ପିଲା ମଧ୍ୟ ଶିକ୍ଷକଙ୍କ ପ୍ରଶ୍ନର ଉତ୍ତର ଦେଉଥିଲେ ।

ତୁମ ବିଚାରରେ ଉପରୋକ୍ତ କେଉଁ ପରିସ୍ଥିତି ଗପ କହିବା ପାଇଁ ଅନ୍ୟଟି ଅପେକ୍ଷା ଉତ୍ତମ ଏବଂ କାହିଁକି ?

ବିଦ୍ୟାର୍ଥୀଙ୍କ ବସିବା ବ୍ୟବସ୍ଥା କ୍ରିୟାକଳାପ ଆଧାରରେ ଭିନ୍ନ ଭିନ୍ନ ହୋଇଥାଏ । କେବେକେବେ ତୁମେ ପୂରା ଶ୍ରେଣୀ ପାଇଁ କ୍ରିୟାକଳାପ ଆୟୋଜନ କର ତ ଆଉ କେବେ କିଛି ସମୂହ ପାଇଁ ବା କେତେବେଳେ ବ୍ୟକ୍ତିଗତ(ଜଣେ) ପିଲାଙ୍କ ପାଇଁ କ୍ରିୟାକଳାପ ଆୟୋଜନ କର । ତୁମେ ବିଭିନ୍ନ ଅବଧାରଣା ବିଷୟରେ ଶିକ୍ଷାଦାନ ପାଇଁ ଭିନ୍ନଭିନ୍ନ କ୍ରିୟାକଳାପ ମଧ୍ୟ କରିଥାଅ । ବସିବା ବ୍ୟବସ୍ଥା କ୍ରିୟାକଳାପର ପ୍ରକୃତି ଉପରେ ନିର୍ଭର କରେ । କେବେକେବେ କ୍ରିୟାକଳାପ ସମୟରେ ଇଂରାଜୀ ଅକ୍ଷର **'U'** ଆକାରରେ ବସିବା ବ୍ୟବସ୍ଥା କରିବାକୁ ପଡ଼େ ତ ଆଉ କେବେ କେବେ ବୃତ୍ତାକାର ଆକାରରେ ପିଲାଙ୍କୁ ବସାଇବାକୁ ପଡ଼ିଥାଏ

ବିଭିନ୍ନ ପ୍ରକାର ବସିବା ବ୍ୟବସ୍ଥା ସଂକ୍ରାନ୍ତରେ ଆସ ଆଲୋଚନା କରିବା:

- **ସମଗ୍ର ଶ୍ରେଣୀ ଶିକ୍ଷାଦାନ ପାଇଁ ବସିବା ବ୍ୟବସ୍ଥା :**

ତୁମେ ଏକ ପରମ୍ପରାଗତ ଶ୍ରେଣୀକକ୍ଷରେ ପିଲାମାନଙ୍କ ବସିବା ବ୍ୟବସ୍ଥା ସଂକ୍ରାନ୍ତରେ

ଟିପ୍ପଣୀ

ପରିଚିତ ଯେଉଁଥିରେ ବିଦ୍ୟାର୍ଥୀମାନେ ଧାଡ଼ିରେ ବସିଥାନ୍ତି ଏବଂ ଶିକ୍ଷକ ସେମାନଙ୍କ ସମ୍ମୁଖରେ ବସନ୍ତି ।




ଚିତ୍ର ୫.୨ ସଂପୂର୍ଣ୍ଣ ଶ୍ରେଣୀ ଶିକ୍ଷାଦାନ ପାଇଁ ବସିବା ବ୍ୟବସ୍ଥା

ଏହି ପ୍ରକାର ଉପବେସନ (ବସିବା) ବ୍ୟବସ୍ଥାରେ ଶିକ୍ଷକ କେବଳ ପ୍ରଥମ ଧାଡ଼ିରେ ବସିଥିବା ବିଦ୍ୟାର୍ଥୀଙ୍କୁ ଦେଖନ୍ତି ଏବଂ ସେମାନଙ୍କ ଉପରେ ଅଧିକ ଧ୍ୟାନ ଦେଇଥାନ୍ତି । ସେ ଶ୍ରେଣୀକକ୍ଷର ପଛଭାଗରେ ବସିଥିବା ପିଲାମାନଙ୍କ ପ୍ରତି ଅଧିକ ଧ୍ୟାନ ଦେଇପାରିନଥାନ୍ତି । ଏଣୁ ଶ୍ରେଣୀକକ୍ଷରେ ଯେଉଁଠି ଶିକ୍ଷକ ଓ ବିଦ୍ୟାର୍ଥୀ ଅନେକ ପ୍ରକାର ଶିକ୍ଷାଦାନ-ଶିକ୍ଷଣ କ୍ରିୟାକଳାପରେ ନିୟୋଜିତ ହେଉଥିବେ ସେଠାରେ ଏହି ପ୍ରକାରର ବସିବା ବ୍ୟବସ୍ଥା ଅନୁପଯୁକ୍ତ ଅଟେ । ଶ୍ରେଣୀକକ୍ଷରେ ଆୟୋଜିତ ବିଭିନ୍ନ ପ୍ରକାର କ୍ରିୟାକଳାପର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବସିବା ବ୍ୟବସ୍ଥା କରାଯିବା ଆବଶ୍ୟକ ।

- **ଶିକ୍ଷକଙ୍କ ପ୍ରଦର୍ଶନ ପାଇଁ ବସିବା ବ୍ୟବସ୍ଥା-**

ମନେକରାଯାଉ ତୁମେ ଶ୍ରେଣୀରେ ଏକ କାହାଣୀ ବ୍ୟକ୍ତ କରୁଛ ଏବଂ ଏହାକୁ ଅଧିକ ଜୀବନ୍ତ କରିବା ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅଧିକ ଆଗ୍ରହ ବୃଦ୍ଧି ପାଇଁ ତୁମେ ବିଭିନ୍ନ ଅଙ୍ଗଭଙ୍ଗ ଓ ଭାବଭଙ୍ଗୀ ପ୍ରଦର୍ଶନ କରୁଛ । ଭଲ ଭାବରେ ଦେଖିବା ଓ ଶୁଣିବା ପାଇଁ ଶ୍ରେଣୀର ପ୍ରତ୍ୟେକ ପିଲା ତୁମ ନିକଟକୁ ଚାଲି ଆସିବେ । କିଛି ସମୟ ମଧ୍ୟରେ ତୁମେ ଲକ୍ଷ୍ୟ କରିବ ଯେ ସେମାନେ ଆଉ ଧାଡ଼ିରେ ନଥିବେ । ଜଣ ଜଣ କରି ସେମାନେ ତୁମ ନିକଟକୁ ଚାଲି ଆସିଥିବେ । ଏଣୁ ଗପ/କାହାଣୀ କହିବା, କବିତା ଆବୃତ୍ତି କରିବା, କଳାପଟାରେ ଗଣିତ କଷିବା, କୌଣସି ପ୍ରୟୋଗାତ୍ମକ କ୍ରିୟାକଳାପ କରିବା ଏବଂ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା ସମୟରେ ସେମାନଙ୍କୁ ଚିତ୍ର ୫.୩ରେ ପ୍ରଦର୍ଶିତ ହେବା ପରି

ତୁମ ସମ୍ମୁଖରେ ଅର୍ଦ୍ଧବୃତ୍ତାକାରରେ ବସାଇବା ଲାଭଦାୟକ ହେବ । ଏହି ବ୍ୟବସ୍ଥାରେ ତୁମେ ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ମୁହଁ ଦେଖି ପାରିବ । ପିଲାମାନେ ତୁମ କଥା ଓ ସ୍ୱର ସ୍ପଷ୍ଟଭାବେ ଶୁଣି ପାରିବେ, ତୁମେ ଯାହା କିଛି ବୋର୍ଡ଼ରେ ଲେଖିବ ତାହାକୁ ପଢ଼ିପାରିବେ ଏବଂ ତୁମ ପ୍ରୟୋଗାତ୍ମକ କ୍ରିୟାକଳାପ ସାମଗ୍ରୀକୁ ମଧ୍ୟ ଦେଖି ପାରିବେ ।




ଚିତ୍ର ୫.୩ ଶିକ୍ଷକଙ୍କ ପ୍ରଦର୍ଶନ ପାଇଁ ବସିବା ବ୍ୟବସ୍ଥାର ନମୁନା

- **ଦଳଗତ କାର୍ଯ୍ୟକଳାପ ପାଇଁ ବସିବା ବ୍ୟବସ୍ଥା:**

  ନିମ୍ନ ପରିସ୍ଥିତିକୁ ବିଚାର କର:

**ପରିସ୍ଥିତି -୪ :** ଦିନେ ଭାଷା ଶିକ୍ଷୟିତ୍ରୀ ଉତ୍ତରା ପଞ୍ଚମ ଶ୍ରେଣୀର ଛୋଟ ଛୋଟ ତିନିଗୋଟି ଦଳକୁ ପୃଥକ୍ ଭାବେ ଏକ ହାତୀ, ଏକ ମାଙ୍କଡ଼ ଓ ଏକ ଆମ୍ବର ଛବି ଦେଲେ ଏବଂ ଏହି ତିନିଟି ଉପାଦାନକୁ ଯୋଡ଼ି ଏକ କ୍ଷୁଦ୍ର ଗଳ୍ପ ରଚନା କରିବାକୁ କହିଲେ । ପ୍ରତ୍ୟେକ ଦଳ ଅନ୍ୟ ଦଳ ସହ ସ୍ୱତନ୍ତ୍ର ହୋଇ ଗଳ୍ପ ରଚନା କରିବା ସେ ଆଶା କରୁଥିଲେ । ସେ ଏହା କିପରି ନିଶ୍ଚିତ କରିପାରିବେ ? ସେ ଶ୍ରେଣୀକକ୍ଷରେ ଦଳଗୁଡ଼ିକର ବସିବା ଶୈଳୀ ଚିତ୍ର ୫.୪ରେ ଦର୍ଶାଯାଇଥିବା ପରି କଲେ । ଏହି ପ୍ରକାର ବ୍ୟବସ୍ଥାରେ ପ୍ରତ୍ୟେକ ଦଳ ଅନ୍ୟ ଦଳଠାରୁ ଭିନ୍ନ ଢଙ୍ଗରେ ଲେଖିପାରିବେ । କେହି କାହାଠାରୁ ନକଲ କରିପାରିବେ ନାହିଁ ।



ଚିତ୍ର ୫.୪ ଦଳଗତ କ୍ରିୟାକଳାପ ପାଇଁ ବସିବା ବ୍ୟବସ୍ଥାର ନମୁନା

୪ରୁ ୬ ଜଣ ପିଲାଙ୍କୁ ଛୋଟ ଛୋଟ ଦଳରେ ଶ୍ରେଣୀକକ୍ଷର ବିଭିନ୍ନ ସ୍ଥାନରେ ବସାଅ ଏବଂ କୌଣସି ସମସ୍ୟାର ସମାଧାନ ପାଇଁ ନିଜ ନିଜ ମଧ୍ୟରେ ଆଲୋଚନା କରିବାକୁ କୁହ । ଶିକ୍ଷକ ପ୍ରତ୍ୟେକ ଦଳର ଗତିବିଧି ଉପରେ ନଜର ରଖିବା ସହ କ୍ରିୟାକଳାପରେ ପ୍ରତ୍ୟେକ ବିଦ୍ୟାର୍ଥୀ ଅଂଶଗ୍ରହଣ କରୁଥିବା ଜାଣିବା ଦରକାର । ସାମୂହିକ ବା ଦଳଗତ କ୍ରିୟାକଳାପ ନିମନ୍ତେ ଏହି ପ୍ରକାର ବସିବା ବ୍ୟବସ୍ଥା ପୂର୍ବରୁ ବର୍ଣ୍ଣିତ ଧାଡ଼ିରେ ବସିବା ବ୍ୟବସ୍ଥା ବା ଅର୍ଦ୍ଧବୃତ୍ତାକାରରେ ବସିବା ବ୍ୟବସ୍ଥା ତୁଳନାରେ ଅଧିକ ଉପଯୋଗୀ ।

– **ଦଳଗତ ବା ସାମୂହିକ ପ୍ରତିଯୋଗିତା ପାଇଁ ବସିବା ବ୍ୟବସ୍ଥା–**

ବେଳେବେଳେ ତୁମେ କିଛି କ୍ରିୟାକଳାପ ଆୟୋଜନ କରିଥାଅ ଯାହା ଦଳମାନଙ୍କ ମଧ୍ୟରେ ପ୍ରତିଯୋଗିତା କରିବା ଆବଶ୍ୟକ ହୋଇଥାଏ । ସମୂହ ମଧ୍ୟରେ ପ୍ରତିଯୋଗିତା ପାଇଁ ଗୋଟିଏ ସମୂହର ବିଦ୍ୟାର୍ଥୀମାନେ ଅନ୍ୟ ଏକ ସମୂହର ବିଦ୍ୟାର୍ଥୀଙ୍କ ସମ୍ମୁଖରେ ଅର୍ଦ୍ଧବୃତ୍ତାକାରରେ ବସିଥାନ୍ତି (ଚିତ୍ର ୫.୫ ଦେଖ) । ଅର୍ଦ୍ଧବୃତ୍ତାକାରରେ ବସିବା ଦ୍ୱାରା ଦଳର ସଦସ୍ୟମାନେ ପରସ୍ପର ସହ ଅତି ନିକଟରୁ ନିବିଡ଼ଭାବେ ଆଲୋଚନା କରିପାରନ୍ତି । ତୁମେ ସେହି ପ୍ରତିଯୋଗିତାର ସଂଚାଳକ ବା ବିଚାରପତି ଭାବେ କାର୍ଯ୍ୟ କରିପାରିବ ଏବଂ ଚିତ୍ରରେ ବିନ୍ଦୁଦ୍ୱାରା କରାଯାଇଥିବା ରେଖାର ମଧ୍ୟସ୍ଥାନରେ ବସିପାରିବ । ଗୋଟିଏ ଦଳ ପ୍ରଶ୍ନ କରିଥାଏ ଏବଂ ଅନ୍ୟ ଦଳର ସଦସ୍ୟମାନେ ପରସ୍ପର ମଧ୍ୟରେ ଆଲୋଚନା କରି ଉତ୍ତର ଦିଅନ୍ତି । ଏହା ପରେ ଅନ୍ୟ ଦଳ ବା ସମୂହ ପ୍ରଶ୍ନ କରିଥାଏ ଏବଂ ବିପରୀତ ଦଳର ସଦସ୍ୟମାନେ

ପରସ୍ପର ମଧ୍ୟରେ ଆଲୋଚନା କରି ଉତ୍ତର ଦିଅନ୍ତି । ଏହି ଧାରା ଜାରି ରହେ ।




କେଉଁ ପ୍ରକାର ବସିବା ବ୍ୟବସ୍ଥା ଅଧିକ ଲାଭଦାୟକ ଜଣେ ଶିକ୍ଷକଭାବେ ତୁମେ ଜାଣିବା ଉଚିତ । ପ୍ରତ୍ୟେକ ବିଦ୍ୟାର୍ଥୀଙ୍କୁ ପ୍ରଭାବୀ ଶିକ୍ଷଣ ନିମନ୍ତେ ଗୋଟିଏ ପ୍ରକାର ବସିବା ବ୍ୟବସ୍ଥା ଅନୁସରଣ କରାଯିବା ଅନୁଚିତ ।

**ପ୍ରଶ୍ନ-୭ ଶ୍ରେଣୀକକ୍ଷରେ ବିଭିନ୍ନ ପ୍ରକାର ବସିବା ବ୍ୟବସ୍ଥା କାହିଁକି ଆବଶ୍ୟକ ? କାରଣ ସହ ତୁମ ଉତ୍ତରର ଯଥାର୍ଥତା ପ୍ରତିପାଦନ କର ।**

## ୫.୪ ପ୍ରୋତ୍ସାହନ ଓ ଶୃଙ୍ଖଳା ପାଇଁ ପରିଚାଳନା

ଜଣେ ଶିକ୍ଷକଭାବରେ ତୁମର ଅଭିଜ୍ଞତା ଥିବ ଯେ କେତେକ ବିଦ୍ୟାର୍ଥୀ ଅତ୍ୟନ୍ତ ମନଯୋଗୀ, ସହଭାଗୀ ଏବଂ ଅନେକ ପ୍ରଶ୍ନ ପଚାରିବା ତଥା ଦିଆଯାଇଥିବା କାର୍ଯ୍ୟକୁ ଠିକ୍ ସମୟରେ ଶେଷ କରି ଦାଖଲ କରୁଥିଲାବେଳେ ଆଉ କେତେକ ବିଦ୍ୟାର୍ଥୀ ନିରସ, ଅନାଗ୍ରହୀ ଏବଂ ଆଶାଜନକ ପ୍ରଦର୍ଶନ କରିବାକୁ ଯୋଗ୍ୟ ହୋଇନଥାନ୍ତି । ଏହି ଦୁଇ ଦଳ ମଧ୍ୟରେ ମୌଳିକ ତଫାତ୍ ହେଲା ସେମାନଙ୍କ ପ୍ରେରଣାସ୍ତର । ତୁମେ ମଧ୍ୟ ଶ୍ରେଣୀକକ୍ଷରେ ବିଶୃଙ୍ଖଳା ସମସ୍ୟାର ସମ୍ମୁଖୀନ ହୋଇଥିବ । ଶ୍ରେଣୀକକ୍ଷରେ ଶୃଙ୍ଖଳା ସ୍ଥାପନ କରିବା ସହ ବିଦ୍ୟାର୍ଥୀଙ୍କ ପ୍ରେରଣାସ୍ତରକୁ ବୃଦ୍ଧି କରିବା ପାଇଁ ଅନେକ ଉପାୟ ରହିଛି । ଏହି ବିଭାଗରେ ସେହିସବୁ ଉପାୟ ସଂକ୍ରାନ୍ତରେ ଆଲୋଚନା କରାଯାଇଛି ।

ଟିପ୍ପଣୀ

### ୫.୪.୧ ଛାତ୍ରଛାତ୍ରୀଙ୍କ ପ୍ରୋତ୍ସାହନ/ପ୍ରେରଣା ପରିଚାଳନା

ଜଣେ ଶିକ୍ଷକ ଭାବରେ ତୁମେ ଲକ୍ଷ୍ୟ କରିଥିବ ଯେ ବିଭିନ୍ନ ପ୍ରକାର କ୍ରିୟାକଳାପ ବିଦ୍ୟାଳୟ ପ୍ରତି ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରିଥାଏ । ବିଦ୍ୟାର୍ଥୀଙ୍କ ଆଗ୍ରହ ଏକ ଶକ୍ତିଶାଳୀ ପ୍ରେରଣା/ ପ୍ରୋତ୍ସାହନ । କ୍ରିୟାକଳାପ ପ୍ରତି ଯେଉଁ ବିଦ୍ୟାର୍ଥୀମାନେ ଯେତେ ଆଗ୍ରହ ପ୍ରକାଶ କରନ୍ତି, ସେମାନେ ସେତେ ଅଧିକ ଉପଭୋଗ କରନ୍ତି, ଦୀର୍ଘ ସମୟ ପର୍ଯ୍ୟନ୍ତ ଜାରି ରଖନ୍ତି ଏବଂ ଅଧିକ ଶିକ୍ଷା କରନ୍ତି । ଯେତେବେଳେ ବିଦ୍ୟାର୍ଥୀମାନେ ଶିକ୍ଷଣ କ୍ରିୟାକଳାପରେ ଆଗ୍ରହର ସହ ନିୟୋଜିତ ହୁଅନ୍ତି, ସେମାନେ ଅଧିକ ସଫଳ ଅନୁଭବ କରନ୍ତି ଏବଂ ସେମାନଙ୍କ ବ୍ୟବହାରରେ ମଧ୍ୟ କମ୍ ସମସ୍ୟା ଆସିଥାଏ । ତୁମେ ତୁମ ବିଦ୍ୟାର୍ଥୀଙ୍କୁ କେଉଁପରି ଭାବରେ ପ୍ରୋତ୍ସାହନ ଯୋଗାଇବ ତାହା ତୁମର ଶୈକ୍ଷିକ ଦର୍ଶନ ଉପରେ ନିର୍ଭର କରେ । ତୁମେ କିପରି ଏକ ଶ୍ରେଣୀକକ୍ଷ ଚାହୁଁଛ ତାହା ତୁମ ମାନସିକତା ଉପରେ ନିର୍ଭର କରେ । ପ୍ରୋତ୍ସାହନ/ ପ୍ରେରଣା ଏକ ଭିତିରି ଅବସ୍ଥା ଯାହା ପିଲାମାନଙ୍କ ବ୍ୟବହାରକୁ ଜାଗ୍ରତ କରାଏ, ଦିଗ୍‌ଦର୍ଶନ ଦିଏ ଏବଂ ସୁବ୍ୟବସ୍ଥିତ କରାଏ । ପ୍ରଥମ ଏକକରେ ବର୍ଣ୍ଣିତ ହେବା ପରି ପ୍ରେରଣା ଦୁଇ ପ୍ରକାରର: ଅନ୍ତଃ ଓ ବାହ୍ୟ ପ୍ରେରଣା । ଆଗ୍ରହ ବା କୌତୁହଳ କାରକରୁ ସୃଷ୍ଟ ପ୍ରେରଣାକୁ ଅନ୍ତଃ ପ୍ରେରଣା କହନ୍ତି । ଅନ୍ତଃ ପ୍ରେରଣା ଏକ ସ୍ୱାଭାବିକ ପ୍ରବୃତ୍ତି ଅଟେ, ଯାହା ବ୍ୟକ୍ତିଗତ ପସନ୍ଦ ଅନୁସାରେ କାର୍ଯ୍ୟ ସମ୍ପାଦନ କରେ ଏବଂ ନିଜ କ୍ଷମତାକୁ ଉପଯୋଗ କରିବାରେ ଆସୁଥିବା ସମସ୍ୟାକୁ ସମ୍ମୁଖୀନ ହୋଇ ଲକ୍ଷ ହାସଲ ପଥରେ ଅଗ୍ରସର କରାଏ । ଯେତେବେଳେ ତୁମେ ଆଭ୍ୟନ୍ତରୀଣ ରୂପରେ ଉତ୍ସାହିତ ହୋଇଥାଅ, ସେତେବେଳେ ତୁମକୁ କୌଣସି ପୁରସ୍କାର ବା ଦଣ୍ଡର ଆବଶ୍ୟକତା ପଡ଼ିନଥାଏ । ଏହାର କାରଣ ହେଲା, କ୍ରିୟାକଳାପ ହିଁ ପୁରସ୍କାର ପ୍ରାପ୍ତି ଏବଂ କାର୍ଯ୍ୟ ସମ୍ପାଦନରେ ଏକ ସୁଖଦ ଅନୁଭୂତି ପ୍ରଦାନ କରେ । ଅନ୍ତଃ ପ୍ରେରଣା ତୁମକୁ ସଫଳତାର ସହ କାର୍ଯ୍ୟ କରିବାର ଏକ ଆନନ୍ଦଦାୟକ ଅନୁଭୂତି ପ୍ରଦାନ କରିବ । ତୁମେ କାର୍ଯ୍ୟ କରିବା ପାଇଁ ଅନ୍ୟର ସହାୟତା ନେଇଥାଅ ଏବଂ ବେଳେବେଳେ ଅନ୍ୟକୁ ମଧ୍ୟ ସାହାଯ୍ୟ କରିଥାଅ । ଅନ୍ୟପକ୍ଷରେ, ତୁମେ ଯେତେବେଳେ କୌଣସି ପୁରସ୍କାର, ପରିଚୟ, ସମ୍ମାନ ବା ପାରିତୋଷିକ ପାଇବା ଲକ୍ଷ୍ୟରେ କାର୍ଯ୍ୟ କର ଏବଂ ଏହାର ବାସ୍ତବ କାର୍ଯ୍ୟ ସହ କୌଣସି ସମ୍ପର୍କ ନଥାଏ ତାହାକୁ ବାହ୍ୟ ପ୍ରେରଣା କହନ୍ତି ।

ବାହ୍ୟ ପ୍ରେରଣାରେ ତୁମେ ବାସ୍ତବରେ କ୍ରିୟାକଳାପ ପ୍ରତି ତୁମର ଆଗ୍ରହ ନଥାଏ, ବରଂ ଏହା ଦ୍ୱାରା ତୁମେ କେତେ ଲାଭ ପାଇବ ତାହା ତୁମର ଲକ୍ଷ୍ୟ । ବାହ୍ୟ ପ୍ରେରଣା, ପ୍ରତିଯୋଗିତା ମନୋଭାବ ବୃଦ୍ଧି କରେ ଏବଂ ପରିଣାମ ସ୍ୱରୂପ ହତାଶାରେ ଶେଷ ହୋଇଥାଏ । ଏଥିରେ ତୁମ ବ୍ୟବହାର ବାହ୍ୟ କାରକ ଉପରେ ନିର୍ଭରଶୀଳ ।

ଶିକ୍ଷାର୍ଥୀଙ୍କୁ ସେମାନଙ୍କ ପ୍ରେରଣା/ପ୍ରୋତ୍ସାହନର ସ୍ତର ବୃଦ୍ଧି ପାଇଁ ନିମ୍ନଲିଖିତ କାର୍ଯ୍ୟନୀତିକୁ ବିଚାର କର:

- **ସଶକ୍ତିକରଣକୁ ପ୍ରାଥମିକତା**-ବିଦ୍ୟାର୍ଥୀଙ୍କୁ ସଫଳତା ପାଇବା ପାଇଁ ସେମାନଙ୍କ କ୍ଷମତା ଓ ପ୍ରତିଭା ଉପଯୋଗ କରିବାକୁ ସୁଯୋଗ ଦିଆଯିବା ଆବଶ୍ୟକ । ଏହା ଦ୍ୱାରା ନିଜ ନିଜର କୌଶଳ ବିକାଶ କରିବାକୁ ସହାୟତା ମିଳିଥାଏ । ଯେତେବେଳେ ବିଦ୍ୟାର୍ଥୀ ନିଜ ଦୁର୍ବଳ ଦିଗ ଉପରେ ଧ୍ୟାନ ଦିଅନ୍ତି ସେତେବେଳେ ନିଜର ଅଧିକ ସମୟ ଅସଫଳ ହେବାରେ ବ୍ୟୟିତ ହୋଇଥାଏ ଏବଂ ଖରାପ ଢଙ୍ଗରେ କାର୍ଯ୍ୟ କରିବାର ଅଭ୍ୟାସ ବୃଦ୍ଧି ହୁଏ । ଏହା ଦ୍ୱାରା ସେମାନଙ୍କ ଆତ୍ମସମ୍ମାନ ଓ ପ୍ରେରଣା ହ୍ରାସ ପାଇଥାଏ ।
- **ପସନ୍ଦ ମୁତାବକ ନିର୍ଣ୍ଣୟ** - କୌଣସି ନିର୍ଣ୍ଣୟ ନେବାକୁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରାଯିବା ଉଚିତ । ଛାତ୍ରଛାତ୍ରୀଙ୍କ ସୃଜନଶକ୍ତି ଏବଂ ଆଗ୍ରହର ଚିହ୍ନଟ କରିବା ଏବଂ ଉପଯୁକ୍ତ ସମୟରେ ତାହାର ଉପଯୋଗ ପାଇଁ ଚେଷ୍ଟା କରାଯିବା ଆବଶ୍ୟକ । ବିଭିନ୍ନ ପ୍ରକାର କାର୍ଯ୍ୟ ସେହିସବୁ ବିଷୟବସ୍ତୁ ଉପରେ ପ୍ରଦାନ କର ଯାହା ବିଦ୍ୟାର୍ଥୀଙ୍କ ପାଇଁ ଶିକ୍ଷଣୀୟ । ଏହା ଦ୍ୱାରା ବିଦ୍ୟାର୍ଥୀଙ୍କୁ କାର୍ଯ୍ୟ କରିବାକୁ ଅଧିକ ବିକଳ୍ପ ମିଳିବ ଏବଂ ସେସବୁକୁ ସେମାନେ ଆଗ୍ରହ ସହକାରେ ଆହ୍ୱାନଭାବେ ଗ୍ରହଣ କରି ସମ୍ପୂର୍ଣ୍ଣ କରିବା ପାଇଁ ପ୍ରେରଣା ପାଇବେ ।
- **ସୁରକ୍ଷିତ ପରିବେଶ ଉପଲବ୍ଧ କରିବା**-ଅସଫଳତାକୁ ସମ୍ମୁଖିନ ହେବାର କୌଶଳ, ପ୍ରେରଣା ଓ ସଫଳ ଶିକ୍ଷଣର ବିକାଶ ପାଇଁ ଆବଶ୍ୟକ ଅଟେ । ବିଦ୍ୟାର୍ଥୀମାନେ ସେମାନଙ୍କର ସକ୍ଷମତା ଏବଂ ନିଜ ନିଜର ଦୋଷ ତ୍ରୁଟିରୁ ସଫଳତାର କୌଶଳ ଶିକ୍ଷା କରିବା ଉଚିତ ବୋଲି ସେମାନଙ୍କୁ ଶିକ୍ଷା ଦିଆଯିବା ଆବଶ୍ୟକ ।

- **ସୃଜନୀଶକ୍ତିକୁ ସୁଗମ କରିବା**-ସୃଜନୀ ଶକ୍ତିର ବିକାଶ ପାଇଁ ବିଦ୍ୟାର୍ଥୀଙ୍କୁ ସୁଯୋଗ ଦଆଯିବା ଆବଶ୍ୟକ । ସେମାନଙ୍କ ସୃଜନୀ ଯେତେବେଳେ ଉପଯୋଗ ହୁଏ ସେତେବେଳେ ସେମାନେ କାର୍ଯ୍ୟ କରିବାକୁ ଅଧିକ ଉତ୍ସାହିତ ହୋଇଥାନ୍ତି ।
- **ସ୍ୱ-ମୂଲ୍ୟାୟନ ପାଇଁ ଉତ୍ସାହିତ କରିବା-** ବିଦ୍ୟାର୍ଥୀଙ୍କୁ ସ୍ୱ-ମୂଲ୍ୟାୟନ କରିବା ପାଇଁ ସୁଯୋଗ ପ୍ରଦାନ କରାଯିବା ଉଚିତ । ଏହା ବିଦ୍ୟାର୍ଥୀଙ୍କ ପାଇଁ ଅଧିକ ପ୍ରେରଣାଦାୟୀ ତଥା ବାରମ୍ବାର ଅଭ୍ୟାସ ଦ୍ୱାରା ଏହାର ବିକାଶ ମଧ୍ୟ ହୋଇଥାଏ ।
- **ପୁରସ୍କାରର ବ୍ୟବହାର**-ପୁରସ୍କାର ସବୁଠାରୁ ଅଧିକ ପ୍ରୋତ୍ସାହନକାରୀ । ଛାତ୍ରଛାତ୍ରୀମାନେ ଉପଯୁକ୍ତ ଆଚରଣ ପାଇଁ ପୁରସ୍କୃତ ହେବା ଉଚିତ । ପିଲାଙ୍କୁ ପରସ୍ପର ସହ ତୁଳନା କରିବା ପ୍ରବୃତି ବର୍ଜନୀୟ ।
- **ବିଦ୍ୟାର୍ଥୀଙ୍କ ସମ୍ପୃକ୍ତି**-ପ୍ରତ୍ୟେକ ପ୍ରକାର ଶ୍ରେଣୀକକ୍ଷ କ୍ରିୟାକଳାପରେ ଅଂଶଗ୍ରହଣ ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରାଯିବା ଆବଶ୍ୟକ । ସେମାନଙ୍କ ପ୍ରେରଣା ସ୍ତର ବୃଦ୍ଧିରେ ଏହା ଏକ ପ୍ରଭାବୀ ଉପାୟ ।

---

ପ୍ରଶ୍ନ-୮ ନିମ୍ନଲିଖିତ ମଧ୍ୟରୁ କେଉଁଟି ଛାତ୍ରଛାତ୍ରୀଙ୍କୁ ଅଭିପ୍ରେରିତ କରିବାର ଉପାୟ ନୁହେଁ ?

(କ) ସମସ୍ତ ପ୍ରକାର କ୍ରିୟାକଳାପରେ ଛାତ୍ରଛାତ୍ରୀଙ୍କୁ ସମ୍ପୃକ୍ତ କରିବା

(ଖ) ସେମାନଙ୍କ ଦକ୍ଷତାକୁ ସ୍ୱୀକୃତି ପ୍ରଦାନ କରିବା

(ଗ) ଅନ୍ୟମାନଙ୍କ ସମ୍ମୁଖରେ ଛାତ୍ରଛାତ୍ରୀଙ୍କ ଭୁଲ୍ ଚିହ୍ନଟ କରିବା

ତୁମ ଉତ୍ତର ସପକ୍ଷରେ ଅତି କମ୍‌ରେ ଗୋଟିଏ କାରଣ ଲେଖ ।

---

### ୫.୪.୨ ଶ୍ରେଣୀକକ୍ଷରେ ଶୃଙ୍ଖଳା ପରିଚାଳନା

ବିସ୍ତୃତ ରୂପରେ ଶୃଙ୍ଖଳା କହିଲେ ଆତ୍ମଶୃଙ୍ଖଳା (ସ୍ୱ-ଅନୁଶାସନ)କୁ ବୁଝାଏ । ଏହା ଏକ ପ୍ରକ୍ରିୟା ଯେଉଁଠାରେ ଜଣେ ବିଦ୍ୟାର୍ଥୀ ନିଜ ଉଦ୍ଦେଶ୍ୟ ସାଧନ ବା ଅନ୍ୟର ଆବଶ୍ୟକତା ସହ ଖାପଖୁଆଇବା ପାଇଁ ନିଜ ବ୍ୟବହାରକୁ ନିୟନ୍ତ୍ରିତ କରିଥାଏ । ସଂକୀର୍ଣ୍ଣ ଅର୍ଥରେ ଶୃଙ୍ଖଳା କହିଲେ ଦଣ୍ଡକୁ ବୁଝାଏ ଯାହା ସହାୟକ ହେବା ପରିବର୍ତ୍ତେ ଦୀର୍ଘ ସମୟ ପରେ ଅନେକ ସମସ୍ୟା ସୃଷ୍ଟି କରିଥାଏ ।

ଟିପ୍ପଣୀ

ବିଦ୍ୟାଳୟ ପ୍ରସଙ୍ଗରେ ଅନୁଶାସନ କହିଲେ ଶ୍ରେଣୀକକ୍ଷ ଶୃଙ୍ଖଳାକୁ ବୁଝାଏ; ଯାହା ଏକ ଉତ୍ତରଦାୟିତ୍ୱର ସଙ୍କେତ, ଅନ୍ୟମାନଙ୍କ ପ୍ରତି ସମ୍ବେଦନଶୀଳ ଏବଂ ଆତ୍ମସମ୍ମାନ ଉପରେ ଆଧାରିତ । ପରନ୍ତୁ ଜଣେ ବିଦ୍ୟାର୍ଥୀ ନିଜ ବ୍ୟବହାର ପାଇଁ ଉତ୍ତରଦାୟିତ୍ୱକୁ ଅନୁଭବ କରିବା ପୂର୍ବରୁ ପ୍ରଥମେ ନିଜସ୍ୱ ଭାବନା ବିକାଶ କରିବା ଉଚିତ । ଯେତେବେଳେ ଜଣେ ବିଦ୍ୟାର୍ଥୀ ନିଜକୁ ଶ୍ରେଣୀର ଏକ ଅଂଶବିଶେଷଭାବେ ଅନୁଭବ କରିବ, ସେତେବେଳେ ହିଁ ସେ କେବଳ ଉତ୍ତରଦାୟିତ୍ୱ ଭାବନା ବିକାଶ କରିବାରେ ସକ୍ଷମ ହେବ । ଏଣୁ ଶ୍ରେଣୀକକ୍ଷରେ ଉତ୍ତମ ଶୃଙ୍ଖଳାର ଆରମ୍ଭ ଏକ ସକାରାତ୍ମକ ଶିକ୍ଷକ-ବିଦ୍ୟାର୍ଥୀ ସମ୍ପର୍କ । ଯେଉଁଥିରେ ପରସ୍ପର ପ୍ରତି ସ୍ନେହ ଓ ସମ୍ମାନ ଏବଂ ଭାଗିଦାରୀ ଉତ୍ତରଦାୟିତ୍ୱର ଭାବନା ରହିଥାଏ ।

ନିମ୍ନରେ କେତେକ ସାଧାରଣ ଅନୁଶାସନ ସମ୍ବନ୍ଧିତ ସମସ୍ୟା ପ୍ରଦାନ କରାଗଲା ଯାହା ଶ୍ରେଣୀକକ୍ଷ ବ୍ୟବସ୍ଥାରେ ବାଧା ସୃଷ୍ଟି କରେ:

- **ଶ୍ରେଣୀକକ୍ଷକୁ ବିଳମ୍ବରେ ଆସିବା:** ବେଳେବେଳେ ବିଦ୍ୟାର୍ଥୀ ଶ୍ରେଣୀକକ୍ଷକୁ ବିଳମ୍ବରେ ଆସନ୍ତି । ଯଦି ଶିକ୍ଷକ କକ୍ଷରେ ଶିକ୍ଷାଦାନ ଆରମ୍ଭ କରିସାରିଥିବେ ତେବେ ସମ୍ପୃକ୍ତ ବିଦ୍ୟାର୍ଥୀ ତାହାକୁ ବୁଝି ପାରିନଥାଏ । ଏହି ସବୁ ବିଦ୍ୟାର୍ଥୀ, ବିଳମ୍ବରେ ଆସିବାର କାରଣ ଏବଂ ଶ୍ରେଣୀକକ୍ଷରେ ସମାପ୍ତ ହୋଇଥିବା ଶିକ୍ଷାଦାନ ଓ ଅନ୍ୟାନ୍ୟ କ୍ରିୟାକଳାପ ସମ୍ପର୍କରେ ନିଜ ସହପାଠୀଙ୍କୁ ପ୍ରଶ୍ନ କରିଥାନ୍ତି । ଏହି ପ୍ରକାର ବ୍ୟବହାର ଶ୍ରେଣୀକକ୍ଷରେ ଅନୁଶାସନହୀନତା ସୃଷ୍ଟି କରିଥାଏ ଏବଂ ଅନେକ ବିଦ୍ୟାର୍ଥୀଙ୍କ ଧ୍ୟାନଭଙ୍ଗର କାରଣ ହୋଇଥାଏ ।

- **ଶ୍ରେଣୀକକ୍ଷରୁ ପଳାୟନ କରିବା-** ଅଧିକାଂଶ ଗ୍ରାମାଞ୍ଚଳ ବିଦ୍ୟାଳୟରେ ସଂଖ୍ୟାଧିକ ଛାତ୍ରଛାତ୍ରୀ କୌଣସି ବୈଧ କାରଣ ନଥାଇ ବିଦ୍ୟାଳୟରେ ଅନୁପସ୍ଥିତ ରହନ୍ତି । ଯେତେବେଳେ ସେମାନେ ଦୀର୍ଘଦିନ ପରେ ବିଦ୍ୟାଳୟକୁ ଆସନ୍ତି, ସେମାନେ ପାଠ ବୁଝି ପାରିନଥାନ୍ତି । ଏହା ଶ୍ରେଣୀକକ୍ଷରେ ବିଶୃଙ୍ଖଳା ସୃଷ୍ଟିର କାରଣ ହୋଇଥାଏ । ଅଧିକାଂଶ ସମୟରେ ସେହି ପ୍ରକାର ବିଦ୍ୟାର୍ଥୀ କାହାକୁ କିଛି ନଜଣାଇ ବିଦ୍ୟାଳୟ ଛୁଟି ହେବା ପୂର୍ବରୁ ପଳାୟନ କରିଥାନ୍ତି ।

ଟିପ୍ପଣୀ

- **ପାଟିଗୋଳ କରିବା**-ଯେତେବେଳେ ଜଣେ ବିଦ୍ୟାର୍ଥୀ ଶ୍ରେଣୀକକ୍ଷରେ ଚାଲିଥିବା କ୍ରିୟାକଳାପକୁ ବୁଝିପାରେନା କିମ୍ବା କୌଣସି କ୍ରିୟାକଳାପ ପ୍ରତି ଅନାଗ୍ରହୀ ହୁଏ ସେତେବେଳେ ସେ ସମ୍ପୃକ୍ତ କାର୍ଯ୍ୟରେ ସାମିଲ ନହୋଇ ସହପାଠୀଙ୍କ ସହ ପାଟିଗୋଳ କରିଥାଏ । ଯାହା ବିଶୃଙ୍ଖଳା ସୃଷ୍ଟି କରିବା ସହ ପୂରା ଶ୍ରେଣୀକୁ ବିଶୃଙ୍ଖଳିତ କରିଥାଏ ।

- **ବ୍ୟଙ୍ଗ କରିବା**-କେତେକ ବିଦ୍ୟାର୍ଥୀ ନିଜ ଅସଫଳତାକୁ ନିୟନ୍ତ୍ରଣ କରିନପାରି ଅନ୍ୟ ବିଦ୍ୟାର୍ଥୀଙ୍କୁ ନକଲ ଓ ବ୍ୟଙ୍ଗ କରିଥାନ୍ତି । ଯାହା ଦ୍ୱାରା ପରସ୍ପର ମଧ୍ୟରେ ଝଗଡ଼ା ଆରମ୍ଭ ହୁଏ ଏବଂ ସେମାନେ ହୋହଲ୍ଲା କରିବା ସହ କ୍ରନ୍ଦନ କରିଥାନ୍ତି । ସେମାନଙ୍କ ହୋହଲ୍ଲା ଓ ପାଟିଗୋଳ ତଥା କାନ୍ଦବୋବାଳି ଯୋଗୁ ଶ୍ରେଣୀକକ୍ଷର ଶାନ୍ତ ବାତାବରଣ ଅଶାନ୍ତ ହୋଇପଡ଼େ ।

- **ଆକ୍ରମଣାତ୍ମକ ହେବା**-ଉତ୍ତେଜନାମୂଳକ ସଙ୍କେତ ଦେବା, ଧକ୍କା ମାରିବା, ଧମକଚମକ ଦେବା ଆଦି କିଛି ବିଦ୍ୟାର୍ଥୀଙ୍କ ଅଭ୍ୟାସ । ଏହି ପ୍ରକାର ବ୍ୟବହାର ଶ୍ରେଣୀକକ୍ଷର ସାଧାରଣ କାର୍ଯ୍ୟଧାରାରେ ବାଧା ସୃଷ୍ଟି କରେ ।

- **ଆଦେଶ ପାଳନ ନକରିବା**- ବିଭିନ୍ନ ସମୟରେ କେତେକ ବିଦ୍ୟାର୍ଥୀ ଉଦ୍ଦେଶ୍ୟମୂଳକଭାବେ ଆଦେଶ ପାଳନ କରନ୍ତି ନାହିଁ । ବିଦ୍ୟାର୍ଥୀ ଆଦେଶ ପାଳନ ନକରିବା ଅନୁଶାସନହୀନତାକୁ ବୃଦ୍ଧି କରେ ।

- **ଅସମ୍ମାନ ପ୍ରଦର୍ଶନ କରିବା**-ବେଳେବେଳେ ଜଣେ ଜଣେ ବିଦ୍ୟାର୍ଥୀ ଶିକ୍ଷକଙ୍କ କର୍ତ୍ତୃତ୍ୱ ଓ ଦକ୍ଷତାକୁ ଖୋଲାଖୋଲି ଚ୍ୟାଲେଞ୍ଜ୍ କରିଥାନ୍ତି ଯାହା ଶିକ୍ଷକ ଓ ବିଦ୍ୟାଳୟ ଆଇନର ଖୋଲା ଅବଜ୍ଞା ।

- **ଅମନଯୋଗୀ ହେବା**-କୌଣସି କାର୍ଯ୍ୟ କରିବାକୁ ଅମନଯୋଗୀ ହେବା ବା କାର୍ଯ୍ୟ ସମୟରେ ଅନ୍ୟମନସ୍କ ରହିବା ବିଦ୍ୟାର୍ଥୀଙ୍କ ବିଶୃଙ୍ଖଳିତ ଆଚରଣର ନମୁନା ।

- **ଠକାମି**-ଯେତେବେଳେ କୌଣସି ଛାତ୍ର ଦଳଗତ କାର୍ଯ୍ୟ ସମ୍ପାଦନ କରିନଥାନ୍ତି ବା କାର୍ଯ୍ୟ କରିବା ତାଙ୍କ କ୍ଷମତା ବାହାରେ ହୋଇଥାଏ କିମ୍ବା ଶିକ୍ଷକଙ୍କୁ ନୀଚ କରିବା

ପାଇଁ ନକଲ କରିଥାଏ, ସେତେବେଳେ ସେ ଠକାମୀ କାର୍ଯ୍ୟ କରେ । ଶ୍ରେଣୀକକ୍ଷରେ ଠକେଇବା ଅଧିକାଂଶ ଛାତ୍ରଛାତ୍ରୀଙ୍କ ଅଭ୍ୟାସ ।

ଛାତ୍ର ବିଶୃଙ୍ଖଳାର ଭିନ୍ନ ଭିନ୍ନ ଅନେକ କାରଣ ରହିଛି । ପ୍ରତ୍ୟେକ ବିଶୃଙ୍ଖଳାର କାରଣ ଜାଣିବା କଷ୍ଟକର ବ୍ୟାପାର । ଶ୍ରେଣୀକକ୍ଷର ବିଶୃଙ୍ଖଳା ବା ଅନୁଶାସନ ମୁଖ୍ୟତଃ ଶ୍ରେଣୀକକ୍ଷ ପରିବେଶ ସମ୍ବନ୍ଧିତ ଅଟେ । ଶ୍ରେଣୀକକ୍ଷରେ ଅନୁପଯୁକ୍ତ ତଥା ଅସୁବିଧାଜନକ ଭୌତିକ ସ୍ଥିତି ଯେପରି-ବିଶୁଦ୍ଧ ବାୟୁ ଚଳାଚଳ ନହେବା,ଉଦ୍‌ଭାସିତ (ଆଲୋକିତ) ନହେବା, ଅତ୍ୟନ୍ତ ଗରମ ବା ଆର୍ଦ୍ରଯୁକ୍ତ ହେବା ବିଦ୍ୟାର୍ଥୀଙ୍କ ମଧ୍ୟରେ ଅସ୍ଥିରତା ଓ ବ୍ୟାକୁଳତା ଭାବନା ଉତ୍ପନ୍ନ କରିଥାଏ । ଏହା ମଧ୍ୟ ଲକ୍ଷ୍ୟ କରାଯାଏ କି କିଛି ବିଦ୍ୟାର୍ଥୀ ସମୂହ ଅନ୍ୟମାନଙ୍କ ତୁଳନାରେ ଅଧିକ ବିଶୃଙ୍ଖଳିତ । ଏହା ଆହୁରି ମଧ୍ୟ ଲକ୍ଷ୍ୟ କରାଯାଇଛି, ଯେଉଁ ଶ୍ରେଣୀକକ୍ଷରେ ଅଧିକ ଦୁର୍ବଳ ପିଲା ରହିଥାନ୍ତି, ସେହି କକ୍ଷରେ ଅଧିକ ସମସ୍ୟା ସୃଷ୍ଟି ହୋଇଥାଏ । ଅନୁଶାସନ ସମସ୍ୟା ଛାତ୍ରୀଙ୍କ ତୁଳନାରେ ଛାତ୍ରଙ୍କଠାରେ ଅଧିକ ଦେଖାଯାଏ । ଶୈକ୍ଷିକ ଅସଫଳତା ମଧ୍ୟ ବିଶୃଙ୍ଖଳାର ଆଉ ଏକ କାରଣ । କିଛି ଶିକ୍ଷକ ମଧ୍ୟ ବିଦ୍ୟାର୍ଥୀଙ୍କ ମନରେ ଅନୁଶାସନହୀନତା ଭାବନା ସୃଷ୍ଟି କରିଥାନ୍ତି ଯେମିତି କି ଠିକ୍‌ରେ ନପଢ଼ାଇବା, ଚିଡିଚିଡା ବ୍ୟବହାର, ବିଦ୍ୱେଷମୂଳକ ନୀତି ତଥା ବିଦ୍ୟାର୍ଥୀଙ୍କ ସମସ୍ୟାକୁ ଅଣଦେଖା କରିବା ବିଶୃଙ୍ଖଳା ସୃଷ୍ଟି କରିଥାଏ ।

**କ୍ରିୟାକଳାପ-୬**

ତୁମ ଶ୍ରେଣୀକକ୍ଷରେ ତୁମେ ଯେଉଁସବୁ ଅନୁଶାସନାତ୍ମକ ବା ଶୃଙ୍ଖଳାଗତ ସମସ୍ୟାର ସମ୍ମୁଖୀନ ହୋଇଛ ତାହାର ଏକ ତାଲିକା ପ୍ରସ୍ତୁତ କର (ଅନ୍ତତଃ ୪ଟି) ଏବଂ ପ୍ରତ୍ୟେକ ସମସ୍ୟାର ସମ୍ଭାବ୍ୟ କାରଣ ଲେଖ ।

..........................................................................................

..........................................................................................

..........................................................................................

ଟିପ୍ପଣୀ

ଏହା ସ୍ପଷ୍ଟ ଯେ ଫଳପ୍ରଦ ଶ୍ରେଣୀକକ୍ଷ ପରିଚାଳନା ନିମନ୍ତେ ଅନୁଶାସନ ସମ୍ପର୍କିତ ସମସ୍ୟାକୁ ନିୟନ୍ତ୍ରଣ କରିବା ଅତ୍ୟନ୍ତ ଆବଶ୍ୟକ । ଶିକ୍ଷକ ଯଦି ରୁଚିପୂର୍ଣ୍ଣ ଭାବରେ ଶିକ୍ଷାଦାନ-ଶିକ୍ଷଣ କାର୍ଯ୍ୟ କରିବେ, ସବୁ ବିଦ୍ୟାର୍ଥୀଙ୍କ ଧ୍ୟାନ ଆକର୍ଷଣ କରିବାରେ ସକ୍ଷମ ହେବେ ଏବଂ ସେମାନଙ୍କୁ ଶ୍ରେଣୀକକ୍ଷ କ୍ରିୟାକଳାପରେ ନିୟୋଜିତ କରାଇବାରେ ସକ୍ଷମ ହେବେ, ସେପରିସ୍ଥିତିରେ ଅନୁଶାସନହୀନତା ସମସ୍ୟା କମ୍ ହୋଇଥାଏ ।

**ଅନୁଶାସନହୀନତା/ବିଶୃଙ୍ଖଳା ରୋକିବାକୁ ପଦକ୍ଷେପ**

ଶ୍ରେଣୀକକ୍ଷରେ ବିଶୃଙ୍ଖଳା ରୋକିବା କିଛି ଆବଶ୍ୟକ କୌଶଳ ନିମ୍ନରେ ପ୍ରଦାନ କରାଗଲା ।

- **କାର୍ଯ୍ୟ ପ୍ରବୃତ୍ତ ଦୃଷ୍ଟିକୋଣ**-ପ୍ରତ୍ୟେକ ବିଦ୍ୟାର୍ଥୀଙ୍କୁ ବିଭିନ୍ନ ପ୍ରକାର କାର୍ଯ୍ୟରେ ବ୍ୟସ୍ତ ରଖ ଯାହା ସେମାନଙ୍କ ପାଇଁ ଆହ୍ୱାନଯୁକ୍ତ ଓ ରୁଚିକର ହୋଇଥିବ ।
- **ବିଶ୍ୱାସ ଭାଜନ**-ଏହା ଅନୁଭବ କରିବା ଉଚିତ ଯେ ସମସ୍ତ ପ୍ରକାର ବିଶୃଙ୍ଖଳା ତୁମ ପ୍ରତି ଇଙ୍ଗିତ ନୁହେଁ । ବିଶୃଙ୍ଖଳାକୁ ବ୍ୟକ୍ତିଗତ ଆକ୍ଷେପଭାବେ ଗ୍ରହଣ କରନାହିଁ ।
- **ବିଦ୍ୟାର୍ଥୀଙ୍କୁ ପ୍ରଶଂସା ଓ ପ୍ରଶସ୍ତି**-ବିଦ୍ୟାର୍ଥୀଙ୍କ ଉପଲବ୍ଧି, ଉତ୍ତମ ଆଚରଣ ଓ ଅନ୍ୟାନ୍ୟ ସକାରାତ୍ମକ ବିଚାରଧାରାକୁ ପ୍ରଶଂସା କରିବା ଦକ୍ଷତା ତୁମେ ବଢ଼ାଇବା ଆବଶ୍ୟକ ।
- **ଅଯଥା ଦ୍ୱନ୍ଦ୍ୱରୁ ଦୂରେଇବା**-ବିଦ୍ୟାର୍ଥୀଙ୍କ ପ୍ରତି ମାତ୍ରାଧିକ ଅଙ୍କୁଶ ଓ ନିୟନ୍ତ୍ରଣ ଲାଗୁ କରିବାରୁ ନିବୃତ୍ତ ରହିବା ଉଚିତ ।
- **ଛାତ୍ରଛାତ୍ରୀଙ୍କ ସହ ଆଲୋଚନା ଜରିଆରେ ଆଇନ ପ୍ରସ୍ତୁତି**-ଏହା ବିଦ୍ୟାର୍ଥୀଙ୍କ ମାଲିକାନା ଅନୁଭୂତି ଦେଇଥାଏ । ପ୍ରଭାବୀ ଶିକ୍ଷକ ଆଇନର ଆବଶ୍ୟକତା ସଂକ୍ରାନ୍ତରେ ନିଜ ବିଦ୍ୟାର୍ଥୀଙ୍କ ସହ ଆଲୋଚନା କରନ୍ତି, ପ୍ରତ୍ୟେକ ଆଇନକୁ ବ୍ୟାଖ୍ୟା କରିବା ସହ ଶ୍ରେଣୀକକ୍ଷର ସୁପରିଚାଳନା କରିବାରେ ଆଇନର ଆବଶ୍ୟକତା ସମ୍ପର୍କରେ ବୈଧ ସ୍ପଷ୍ଟୀକରଣ ଦିଅନ୍ତି ।

- **ପ୍ରତିକୂଳ ପରିସ୍ଥିତି ହ୍ରାସ ନିଶ୍ଚିତ କରିବା-** ଶ୍ରେଣୀକକ୍ଷରେ ପର୍ଯ୍ୟାପ୍ତ ସ୍ଥାନ, ପର୍ଯ୍ୟାପ୍ତ ଆଲୋକ, ପର୍ଯ୍ୟାପ୍ତ ଆସବାବପତ୍ର ସହିତ ପ୍ରତିକୂଳ ପରିବେଶ ନରହିବା ନିଶ୍ଚିତ କରିବା ।

- **ବିଦ୍ୟାର୍ଥୀଙ୍କୁ ଦଳ ସୃଷ୍ଟି ନକରୁଥିବା କାର୍ଯ୍ୟ / କ୍ରିୟାକଳାପ ପ୍ରଦାନ-**ବିଦ୍ୟାର୍ଥୀଙ୍କୁ ସ୍ପଷ୍ଟଭାବେ କାର୍ଯ୍ୟ ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦିଅ । ଯାହା ଦ୍ୱାରା ବିଦ୍ୟାର୍ଥୀ ସଠିକ୍ ଭାବରେ ବିନା ଦ୍ୱନ୍ଦରେ କାର୍ଯ୍ୟ ସମ୍ପାଦନ କରିପାରିବେ ।

- **ବିଦ୍ୟାର୍ଥୀ କୈନ୍ଦ୍ରିକ ସ୍ୱଷ୍ଟ ଚିନ୍ତନ-**ଛାତ୍ରଛାତ୍ରୀଙ୍କ ପାଇଁ ଆଳସ୍ୟ ଓ କ୍ଳାନ୍ତି ବିଭିନ୍ନ ଅନୁଶାସନହୀନ ସମସ୍ୟାକୁ ଆମନ୍ତ୍ରଣ କରେ । ତେଣୁ ବିଭିନ୍ନ ପ୍ରକାର ଆହ୍ୱାନପୂର୍ଣ୍ଣ କାର୍ଯ୍ୟ ପ୍ରଦାନ କର ଏବଂ ସୁବ୍ୟବସ୍ଥିତ ଭାବରେ ଗୋଟିଏ କ୍ରିୟାକଳାପରୁ ଅନ୍ୟ ଏକ କ୍ରିୟାକଳାପରେ ସେମାନଙ୍କୁ ନିୟୋଜିତ କର ।

- **ପୂର୍ଣ୍ଣାଙ୍ଗ ସମୂହ ସହ ସମ୍ପର୍କ ସ୍ଥାପନ-**ତୁମ ଧ୍ୟାନ, ଜଣେ ବିଦ୍ୟାର୍ଥୀଙ୍କ ସମସ୍ୟା ପ୍ରତି ଅଧିକ ଆକର୍ଷିତ ହେଉଥିଲେ ମଧ୍ୟ ସମୂହର ସବୁ ବିଦ୍ୟାର୍ଥୀଙ୍କ ପ୍ରତି ଧ୍ୟାନ ଦିଅ । ଶିକ୍ଷାଦାନ ସମୟରେ ଶ୍ରେଣୀକକ୍ଷରେ ବୁଲିବୁଲି ପଢ଼ାଅ । ତାଙ୍କୁ ଅଣଦେଖା କରାଯାଉଥିବା କୌଣସି ଛାତ୍ରଙ୍କ ମଧ୍ୟରେ ଧାରଣା ଆସିବା ଅନୁଚିତ ।

- **ନିର୍ଦ୍ଦିଷ୍ଟ ପରିସରରେ ରହିବା-**ଛାତ୍ରଛାତ୍ରୀଙ୍କ ଅତି ଘନିଷ୍ଠ ହେବା ଅନାବଶ୍ୟକ । ସର୍ବଦା ଉପଯୁକ୍ତ ଦୂରତା ବଜାୟ ରଖିବା ଉଚିତ ।

## ୫.୫ ଏକ ପରିଚାଳକ ରୂପରେ ଶିକ୍ଷକଙ୍କ ଭୂମିକା

ଶ୍ରେଣୀକକ୍ଷ ପରିଚାଳନା ପରିପ୍ରେକ୍ଷୀରେ ଶିକ୍ଷକ ବାସ୍ତବରେ ଜଣେ ପରିଚାଳକ ବା ସୁଯୋଗପ୍ରଦାନକାରୀ ଭୂମିକା ତୁଲାଇଥାନ୍ତି । ଆମେ ଜାଣିଛେ ଜଣେ ପରିଚାଳକ ନିଷ୍ପତ୍ତି ଗ୍ରହଣ କରନ୍ତି, ପରିସ୍ଥିତିକୁ ନିୟନ୍ତ୍ରଣ କରନ୍ତି ଏବଂ ସଂଗଠନର ସୁପରିଚାଳନା ପାଇଁ ଆବଶ୍ୟକ ହେଲେ ନିଷ୍ପତ୍ତି ପରିବର୍ତ୍ତନ କରିବାକୁ ଆବଶ୍ୟକ କ୍ଷମତାପ୍ରାପ୍ତ ହୋଇଥାନ୍ତି । ଜଣେ ଶିକ୍ଷକ କିପରି ଜଣେ ପରିଚାଳକର ଭୂମିକା ତୁଲାଇଥାନ୍ତି ଆସ ବୁଝିବା:



ଟିପ୍ପଣୀ

ଶିକ୍ଷକ ଶ୍ରେଣୀକକ୍ଷରେ ବିଭିନ୍ନ ପ୍ରକାର ଭୂମିକା ତୁଲାଇଥାନ୍ତି । ସେଥି ମଧ୍ୟରୁ ଅଧିକାଂଶ ଭୂମିକା ଶ୍ରେଣୀକକ୍ଷ ପରିଚାଳନା ସହ ସମ୍ପୃକ୍ତ । ଏକ ଖରାପ ଢଙ୍ଗରେ ପରିଚାଳିତ ଶ୍ରେଣୀକକ୍ଷରେ ପ୍ରଭାବୀ ଢଙ୍ଗରେ ଶିକ୍ଷାଦାନ ଓ ଶିକ୍ଷଣ ବ୍ୟବସ୍ଥା ହୋଇପାରି ନଥାଏ । ଯଦି ବିଦ୍ୟାର୍ଥୀ ଅବ୍ୟବସ୍ଥିତ, ଅବଜ୍ଞାକାରୀ ଏବଂ ବ୍ୟବହାରକୁ ଉପଯୁକ୍ତ ମାର୍ଗ ଦର୍ଶନ କରାଇବା ପାଇଁ କୌଣସି ନିୟମ ନାହିଁ, ତେବେ ଶ୍ରେଣୀକକ୍ଷରେ ବିଶୃଙ୍ଖଳା ବ୍ୟାପିବା ନିଶ୍ଚିତ । ଏପରିସ୍ଥିତିରେ ଉଭୟ ଶିକ୍ଷକ ଓ ବିଦ୍ୟାର୍ଥୀ ଚିନ୍ତିତ ହୋଇଥାନ୍ତି । ଶିକ୍ଷକ ଠିକ୍‌ରେ ପଢ଼ାଇ ପାରିନଥାନ୍ତି କି ବିଦ୍ୟାର୍ଥୀ ଠିକ୍‌ରେ ଶିକ୍ଷାଗ୍ରହଣ କରିପାରିନଥାନ୍ତି । ଅନ୍ୟପଟେ, ଏକ ବ୍ୟବସ୍ଥିତ ଢଙ୍ଗରେ ପରିଚାଳିତ ଶ୍ରେଣୀକକ୍ଷରେ ଶିକ୍ଷଣ-ଶିକ୍ଷାଦାନ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି ହୋଇଥାଏ । ପରନ୍ତୁ ସୁବ୍ୟବସ୍ଥିତ ଶ୍ରେଣୀକକ୍ଷ ମନକୁ ମନ ହୋଇଯାଇ ନଥାଏ । ଏହାର ନିର୍ମାଣ ପାଇଁ ଅଧିକ ପରିଶ୍ରମ ଆବଶ୍ୟକ । ଏକ୍ଷେତ୍ରରେ ଶିକ୍ଷକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜଣେ ପରିଚାଳକଭାବେ ଶିକ୍ଷକଙ୍କ ଭୂମିକା ନିମ୍ନରେ ଦିଆଗଲା:

- ଏକ ପ୍ରଭାବଶାଳୀ ଶ୍ରେଣୀକକ୍ଷ ପ୍ରଦର୍ଶନ ପାଇଁ ଶିକ୍ଷକ ପୂର୍ବ ବର୍ଣ୍ଣିତ ନିୟାନୁସାରେ ଶିକ୍ଷାଦାନ କ୍ରିୟାକଳାପ, ସହାୟକ ଶିକ୍ଷଣ ସାମଗ୍ରୀ, ବସିବା ବ୍ୟବସ୍ଥା ତଥା ଆକଳନ ପ୍ରକ୍ରିୟାର ରଚନା କରିଥାନ୍ତି ।

- ଏକ ଶ୍ରେଣୀକକ୍ଷରେ ଶିକ୍ଷଣ ଅନୁକୂଳ ପରିବେଶ ନିଶ୍ଚିତ କରାଯିବା ଜରୁରୀ । ଫଳରେ ବିଦ୍ୟାର୍ଥୀ ଭଲ ଭାବରେ ଶିକ୍ଷାଗ୍ରହଣ କରିପାରିବେ । ଏକ ପରିଚାଳକଭାବେ ଶିକ୍ଷକ ସମସ୍ତ ପିଲାଙ୍କ ସୁରକ୍ଷା ଓ ହିତ ପ୍ରତି ଧ୍ୟାନ ଦିଅନ୍ତି ।

- ପରିଚାଳକଙ୍କ ପରି ଜଣେ ଶିକ୍ଷକ ଏକ ସମୂହର ସମସ୍ତ ସଦସ୍ୟଙ୍କ ପାଇଁ କାର୍ଯ୍ୟ କରିବାକୁ ସୁଯୋଗ ପ୍ରଦାନ ନିଶ୍ଚିତ କରାଇଥାନ୍ତି । ସେ ମଧ୍ୟ ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ଭାଗିଦାରୀ ଓ ସୂଚନା ପାଇବାର ଅଧିକାର ନିଶ୍ଚିତ କରିଥାନ୍ତି ।

- ଜଣେ ଉତ୍ତମ ଶିକ୍ଷକର ଶିକ୍ଷଣ ପଦ୍ଧତି ଓ ବିଷୟବସ୍ତୁ ସଂକ୍ରାନ୍ତରେ ଆବଶ୍ୟକ ବୃତ୍ତିଗତ ଜ୍ଞାନ ତଥା ବିଦ୍ୟାର୍ଥୀଙ୍କ ସ୍ୱାଧୀନଚିନ୍ତନ, ଯୁକ୍ତିଯୁକ୍ତ ଭାବନା ତଥା ସୂଚନା ପରୀକ୍ଷଣ

କରିବାର ପ୍ରବୃତ୍ତିକୁ ବୃଦ୍ଧି କରିବା ଶକ୍ତି ରହିଥାଏ । ଏହି ପରି ସେମାନଙ୍କ ଶିକ୍ଷଣ ସ୍ତରକୁ ବୃଦ୍ଧି କରାଯାଏ । ଶିକ୍ଷକ ଜଣେ ଉତ୍ତମ ପରିଚାଳକଙ୍କ ପରି ନିଜ ବିଦ୍ୟାର୍ଥୀଙ୍କ ସହ ଶ୍ରେଣୀକକ୍ଷରେ ବନ୍ଧୁତ୍ୱ ବ୍ୟବହାର କରିଥାନ୍ତି ।

- ମାନବୀୟ ଆଭିମୁଖ୍ୟ ଓ ପୂର୍ବନିୟୋଜିତ ଯୁକ୍ତି ଦ୍ୱାରା ଶିକ୍ଷକ ପ୍ରଭାବୀ ଢଙ୍ଗରେ ସମସ୍ତ ବିଦ୍ୟାର୍ଥୀଙ୍କୁ ଶିକ୍ଷଣ ପ୍ରକ୍ରିୟାରେ ସାମିଲ କରାଇଥାନ୍ତି । ଏକ ସାମୂହିକ ପ୍ରଦର୍ଶନରେ ସେ ପ୍ରତ୍ୟେକ ଭାଗିଦାରଙ୍କ ଦାୟିତ୍ୱ ସୁନିଶ୍ଚିତ କରାନ୍ତି ।
- ଦଳଗତ କାର୍ଯ୍ୟ, କ୍ରିୟାକଳାପ ପ୍ରଗତିର ନିରୀକ୍ଷଣ, ପ୍ରଦର୍ଶନର ମୂଲ୍ୟାଙ୍କନ କରିବା ଏବଂ ସେମାନଙ୍କୁ ସେମାନଙ୍କ ସଫଳତା ସମ୍ବନ୍ଧରେ ସମୟକୁ ସମୟ ସୂଚନା ପ୍ରଦାନ କ୍ରମଶଃ ସେମାନଙ୍କ ଶିକ୍ଷଣ ବୃଦ୍ଧି କରିବାରେ ସହାୟକ ହୋଇଥାଏ । ଜଣେ ଉତ୍ତମ ପରିଚାଳକ ଲୋକଙ୍କୁ ସେମାନଙ୍କ ଦକ୍ଷତା ଓ ସଫଳତା ପାଇଁ ପ୍ରଶଂସା କଲା ପରି ଶିକ୍ଷକ ମଧ୍ୟ ବିଦ୍ୟାର୍ଥୀଙ୍କ ସଫଳତା ଓ ଦକ୍ଷତାକୁ ପ୍ରଶଂସା କରନ୍ତି ।
- ଯେକୌଣସି ସଂଗଠନର ପରିଚାଳକ ପରି ଶିକ୍ଷକ ମଧ୍ୟ ଶ୍ରେଣୀକକ୍ଷରେ ଶୃଙ୍ଖଳା ରକ୍ଷାକୁ ପ୍ରାଧାନ୍ୟ ଦିଅନ୍ତି । ଶୃଙ୍ଖଳା ବା ଅନୁଶାସନ ଉଭୟ ଶିକ୍ଷକ ଓ ବିଦ୍ୟାର୍ଥୀଙ୍କ ପାଇଁ ପରସ୍ପରକୁ ସମ୍ମାନ ଓ ଶ୍ରଦ୍ଧା କରିବାର ଏକ ଆଦର୍ଶ ଆଚରଣ ବିଧି ସମ । ଏହାର ଉଲ୍ଲଙ୍ଘନରେ ଦଣ୍ଡବିଧାନ ପ୍ରଶ୍ନ ଉଠେନା ।

ଆଉ ଆଗକୁ ବଢ଼ିବା ପୂର୍ବରୁ ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ ।

---

ପ୍ରଶ୍ନ-୯ ନିମ୍ନଲିଖିତ ମଧ୍ୟରୁ କେଉଁଟି ଶ୍ରେଣୀକକ୍ଷରେ ଶୃଙ୍ଖଳା ବଜାୟ ରଖିବାର ଉତ୍ତମ ଉପାୟ ?

(କ) ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଜଣେ ଦକ୍ଷ ତଦାରଖକାରୀ ଚୟନ

(ଖ) ଶ୍ରେଣୀରେ ପଢ଼ାଯାଉଥିବା ବିଷୟରେ ବିଭିନ୍ନ ପ୍ରକାର କ୍ରିୟାକଳାପ ପ୍ରଦାନ

(ଗ) ବିଶୃଙ୍ଖଳା ସୃଷ୍ଟିକାରୀ ବିଦ୍ୟାର୍ଥୀଙ୍କୁ ପୃଥକ୍ କରିବା

(ଘ) ସମସ୍ୟାଗ୍ରସ୍ତ ବିଦ୍ୟାର୍ଥୀଙ୍କ ବ୍ୟବହାର ମାର୍ଜିତ କରିବାକୁ ଅଧିକ ସମୟ ବିତାଇବା

---

ଟିପ୍ପଣୀ

### ୫.୫.୧ ଶିକ୍ଷା ଅଧିକାର ଆଇନ ଓ ଶିକ୍ଷକ

ନିଃଶୁଳ୍କ ଓ ବାଧ୍ୟତାମୂଳକ ଶିଶୁ ଶିକ୍ଷା ଅଧିକାର ଆଇନ ୨୦୦୯ରେ ପ୍ରାରମ୍ଭିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକଙ୍କ ପାଇଁ ମହତ୍ୱପୂର୍ଣ୍ଣ ପ୍ରାବଧାନ(ନିୟମ) ଓ ପ୍ରଭାବର ବ୍ୟବସ୍ଥା ରହିଛି । ଜଣେ ଶିକ୍ଷକ ଭାବରେ ତୁମର ସେହିସବୁ ଆଇନ ବିଷୟରେ ସବିଶେଷ ଜାଣିବା ଏବଂ ସେହିସବୁ ନିୟମର ଉଲ୍ଲଙ୍ଘନ ନକରିବାକୁ ଯତ୍ନବାନ ହେବା ଆବଶ୍ୟକ । ଅନ୍ୟଥା, ପିଲାର ଶିକ୍ଷା ବାଧାପ୍ରାପ୍ତ ହେବା ସହ ତୁମ ପାଇଁ ସମସ୍ୟା ସୃଷ୍ଟି ହେବ ଏବଂ ତୁମ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଇ ପାରେ । ଏଣୁ ଶିକ୍ଷା ଅଧିକାର ଆଇନର ସବୁ ଧାରା ଓ ଉପଧାରା ସଂକ୍ରାନ୍ତରେ ସବିଶେଷ ତଥ୍ୟ ସମ୍ବନ୍ଧରେ ସଚେତନତା ଗୁରୁତ୍ୱପୂର୍ଣ୍ଣ । ଶିକ୍ଷା ଅଧିକାର ଆଇନର ଚତୁର୍ଥ ପରିଚ୍ଛଦର ଧାରା ୨୪ ଓ ଧାରା ୨୯ରେ ଶିକ୍ଷକଙ୍କ ସ୍ୱତନ୍ତ୍ର ଦାୟିତ୍ୱ ଏବଂ ଏହାର ଉଲ୍ଲଙ୍ଘନର ପରିଣାମ ସଂକ୍ରାନ୍ତରେ ଉଲ୍ଲେଖ ରହିଛି । ସେହିସବୁ ନିୟମାବଳୀ ନିମ୍ନରେ ପ୍ରଦାନ କରାଗଲା:

**ଧାରା ୨୪:**

୧. କେନ୍ଦ୍ର ସରକାରଙ୍କ କ୍ଷମତାପ୍ରାପ୍ତ ଶୈକ୍ଷିକ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଆଧାରରେ ନିଯୁକ୍ତ ଶିକ୍ଷକ ନିମ୍ନଲିଖିତ କର୍ତ୍ତବ୍ୟ ସମ୍ପାଦନ କରିବେ-

(କ) ନିୟମିତ ଭାବେ ବିଦ୍ୟାଳୟରେ ଉପସ୍ଥିତ ହେବା ଓ ସମୟକୁ ଅନୁପାଳନ କରିବା ।

(ଖ) ଧାରା ୨୯ର ଉପଧାରା (୨) ଅନୁସାରେ ପାଠ୍ୟକ୍ରମ ସଞ୍ଚାଳନ କରିବା ଏବଂ ତାହାକୁ ସମ୍ପୂର୍ଣ୍ଣ କରିବା ।

(ଗ) ଉଦ୍ଦିଷ୍ଟ ସମୟ ମଧ୍ୟରେ ପୂରା ପାଠ୍ୟକ୍ରମ ଶେଷ କରିବା ।

(ଘ) ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ଶିକ୍ଷଣ ସାମର୍ଥ୍ୟ ନିର୍ଦ୍ଧାରଣ କରିବା ଏବଂ ତଦନୁଯାୟୀ ଆବଶ୍ୟକ ସ୍ଥଳେ ସମ୍ପୃକ୍ତ ବିଦ୍ୟାର୍ଥୀଙ୍କୁ ଅତିରିକ୍ତ ଶିକ୍ଷଣ ପ୍ରଦାନ କରିବା ।

ଟିପ୍ପଣୀ

(ଙ) ପିତାମାତା ଓ ଅଭିଭାବକଙ୍କ ସହ ନିୟମିତ ବୈଠକ କରିବା ଏବଂ ପିଲାଙ୍କ ଉପସ୍ଥାନ, ଶିକ୍ଷଣ କ୍ଷମତା, ଶିକ୍ଷଣରେ ଅଗ୍ରଗତି ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ ବିଷୟରେ ଆଲୋଚନା କରିବା ।

(ଚ) ଅନ୍ୟାନ୍ୟ ନିର୍ଦ୍ଧାରିତ କର୍ତ୍ତବ୍ୟ ପାଳନ କରିବା

୨. ଉପଧାରା ୧ରେ ଉଲ୍ଲିଖିତ କର୍ତ୍ତବ୍ୟ ପାଳନରେ ଖିଲାପ କରୁଥିବା ଶିକ୍ଷକଙ୍କ ବିରୋଧରେ ସେବା ଆଇନ ଅନୁସାରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାଏ । ମାତ୍ର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପୂର୍ବରୁ ଶିକ୍ଷକଙ୍କୁ ତାଙ୍କ ମତ ରଖିବାକୁ ସୁଯୋଗ ଦିଆଯାଇଥାଏ ।

୩. ଶିକ୍ଷକଙ୍କ ଅଭିଯୋଗ (ଯଦି କିଛି ଥାଏ)ର ବିହିତ ପ୍ରତିବିଧାନ ।

**ଧାରା ୨୯**

ଏହି ଭାଗରେ ପ୍ରାରମ୍ଭିକ ଶିକ୍ଷା ନିମନ୍ତେ ପାଠ୍ୟକ୍ରମ ପ୍ରସ୍ତୁତି ଏବଂ ମୂଲ୍ୟାୟନ ପ୍ରକ୍ରିୟା ସମ୍ପର୍କିତ ସୂତ୍ର / ନିୟମ ନିର୍ଦ୍ଧାରଣ କରାଯାଇଛି ଯାହା ଶିକ୍ଷକଙ୍କୁ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ କରିଥାଏ । ସେଗୁଡ଼ିକ ହେଲା:

- ଶିଶୁର ସର୍ବାଙ୍ଗୀନ ବିକାଶ ପାଇଁ ପର୍ଯ୍ୟାପ୍ତ ଯତ୍ନ ନେବା (ଉପଧାରା ୨ଖ)
- ପିଲାର ଜ୍ଞାନ, ଦକ୍ଷତା ଏବଂ ମେଧା ବୃଦ୍ଧି କରିବା (ଉପଧାରା ୨ଗ)
- ଶାରୀରିକ ଓ ମାନସିକ ଦକ୍ଷତାର ପୂର୍ଣ୍ଣ ବିକାଶ (ଉପଧାରା ୨ ଘ)
- କ୍ରିୟାକଳାପ ଜରିଆରେ ଶିକ୍ଷଣ: ଶିଶୁ ଅନୁକୂଳ ତଥା ଶିଶୁ କୈନ୍ଦ୍ରିକ ପଦ୍ଧତିରେ ପରୀକ୍ଷଣ, ପର୍ଯ୍ୟବେକ୍ଷଣ, ଅନୁସନ୍ଧାନ, ଆଲୋଚନା ଏବଂ ଆହରଣ ଜରିଆରେ ଶିକ୍ଷଣ (ଉପଧାରା ୨ ଙ)
- ଶିକ୍ଷଣ ଓ ଶିକ୍ଷାଦାନ ମାଧ୍ୟମ ଯଥାସମ୍ଭବ ଶିଶୁର ମାତୃଭାଷାରେ ହେବା ଉଚିତ (ଉପଧାରା ଚ)

- ଶିଶୁକୁ ଭୟ, ମାନସିକ ଅବଷାଦ ଓ ଚିନ୍ତାମୁକ୍ତ କରିବା ତଥା ସ୍ୱାଧୀନ ମତ ପୋଷଣ ପାଇଁ ସହାୟତା କରିବା(ଉପଧାରା ଛ)
- ବିଦ୍ୟାର୍ଥୀର ବୁଝିବା ଶକ୍ତି ଏବଂ ତାହାକୁ ଉପଯୋଗ କରିବାକୁ ଯୋଗ୍ୟତାର ବ୍ୟାପକ ତଥା ନିରନ୍ତର ମୂଲ୍ୟାୟନ (ଉପଧାରା-୨ ଜ)

ଭାଗ ୫.୨.୨ରେ ଶ୍ରେଣୀକକ୍ଷ ପରିଚାଳନା ସଂକ୍ରାନ୍ତ ଆଲୋଚନାରେ ବିଶୃଙ୍ଖଳା/ ଅନୁଶାସନହୀନତାର କାରଣ ଏବଂ ଦଣ୍ଡବିଧାନ ସଂକ୍ରାନ୍ତ ଆଲୋଚନା ହୋଇଛି । ଅଧିକାଂଶ ଶିକ୍ଷକ, ଅନେକ ଖ୍ୟାତନାମା ବ୍ୟକ୍ତି ଏବଂ ସଂଖ୍ୟାବହୁଳ ପିତାମାତା ବିଶ୍ୱାସ କରନ୍ତି ଯେ ବିଦ୍ୟାର୍ଥୀଙ୍କ ଦୁର୍ବ୍ୟବହାରରେ ରୋକ ଲଗାଇବା ପାଇଁ ଶାରୀରିକ ଦଣ୍ଡ ଉଚିତ ଅଟେ । ମାତ୍ର କେତେକ ପରିସ୍ଥିତିରେ ଶାରୀରିକ ଦଣ୍ଡ ବିଦ୍ୟାର୍ଥୀଙ୍କ ମଧ୍ୟରେ ନକରାତ୍ମକ ଭାବ ଉତ୍ପନ୍ନ କରୁଥିବା ଏବଂ ଶାରୀରିକ ଓ ମାନସିକ ରୂପରେ ଗଭୀର କ୍ଷତି ପହଞ୍ଚାଉଥିବାର ନଜିର ମଧ୍ୟ ରହିଛି । ଶାରୀରିକ ଦଣ୍ଡ ଦ୍ୱାରା ବିଦ୍ୟାର୍ଥୀଙ୍କ ଉପରେ କୌଣସି ସକାରାତ୍ମକ ପ୍ରଭାବ ପଡୁନଥିବା ଜଣାପଡ଼ିଛି । ଶାରୀରିକ ଦଣ୍ଡର କୁପରିଣାମକୁ ଦୃଷ୍ଟିରେ ରଖି କେତେକ ରାଜ୍ୟ ସରକାର ବିଦ୍ୟାଳୟରେ ଶାରୀରିକ ଦଣ୍ଡକୁ ସମ୍ପୂର୍ଣ୍ଣ ନିଷେଧ କରିଛନ୍ତି ।

ଶିକ୍ଷା ଅଧିକାର ଆଇନ-୨୦୦୯ରେ ଶାରୀରିକ ଦଣ୍ଡ ବିରୋଧରେ ନିୟମାବଳୀ ପ୍ରଣୀତ ହୋଇଛି । ସେଗୁଡ଼ିକ ହେଲା:-

**ଧାରା ୧୭**

୧. କୌଣସି ବିଦ୍ୟାର୍ଥୀକୁ ଶାରୀରିକ ଓ ମାନସିକ ଦଣ୍ଡ ଦିଆଯିବ ନାହିଁ । (ଉପଧାରା-୧)

୨. ଯେକେହି ଉପଧାରା-୧ର ଉଲ୍ଲଙ୍ଘନ କଲେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ ଆଇନ ଅନୁସାରେ କଡ଼ା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । (ଉପଧାରା-୨)

ଜଣେ ଶିକ୍ଷକ ଭାବରେ ଆମକୁ ଏହି ଆଇନର ବିଭିନ୍ନ ଧାରା ଓ ଉପଧାରାର ଉଲ୍ଲଙ୍ଘନର ପରିଣାମ ସମ୍ପର୍କରେ ଜାଣିବା ଆବଶ୍ୟକ ଏବଂ ବିଦ୍ୟାଳୟକୁ ଆସୁଥିବା ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ଯତ୍ନବାନ ହେବା ଆବଶ୍ୟକ ।ଏତଦବ୍ୟତୀତ ବିଦ୍ୟାଳୟରେ ଏକ

ଟିପ୍ପଣୀ

ଶିଶୁ ହିତୈଷୀ (ଅନୁକୂଳ) ଏବଂ ଶିଶୁ କୈନ୍ଦ୍ରିକ ପରିବେଶ ପ୍ରସ୍ତୁତ କରିବାର ଆବଶ୍ୟକତା ମଧ୍ୟ ରହିଛି ।

## ୫.୬ ସାରାଂଶ

- ଫଳପ୍ରଦ ଶ୍ରେଣୀକକ୍ଷ ପରିଚାଳନା ପ୍ରଭାବୀ ଶିକ୍ଷାଦାନର ପ୍ରମୁଖ ଆବଶ୍ୟକତା ।
- ଶିକ୍ଷକ ଏକ ଶ୍ରେଣୀକକ୍ଷରେ ଭିନ୍ନ ଭିନ୍ନ କ୍ରିୟାକଳାପ କାର୍ଯ୍ୟକାରୀ କରିଥାନ୍ତି, ଯଥା ପୂରା ଶ୍ରେଣୀ, କ୍ଷୁଦ୍ର ଦଳ ଗଠନ ଏବଂ ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ପାଇଁ ବିଭିନ୍ନ ପ୍ରକାର ଶିକ୍ଷଣକାର୍ଯ୍ୟ । ପ୍ରତ୍ୟେକ ଶିକ୍ଷଣକାର୍ଯ୍ୟ ବିଭିନ୍ନ ପ୍ରକାର ପରିଚାଳନା କୌଶଳ ଦ୍ୱାରା ଅନୁସୃତ ହୁଏ ।
- ଶ୍ରେଣୀକକ୍ଷର ଉତ୍ତମ ଶିଶୁ ହିତୈଷୀ ଭୌତିକ ପରିବେଶ ଏବଂ ଶିକ୍ଷକ-ଛାତ୍ର ଏବଂ ଛାତ୍ର-ଛାତ୍ର ସମ୍ପର୍କ ବିଦ୍ୟାର୍ଥୀଙ୍କ ଶିକ୍ଷଣ ବ୍ୟବସ୍ଥାକୁ ସୁଗମ କରେ ।
- ଦଳଗତ ଶିକ୍ଷଣ ପାଇଁ ବିଦ୍ୟାର୍ଥୀଙ୍କ କ୍ଷମତା, ଆଗ୍ରହ ଏବଂ ରୁଚି ଅନୁସାରେ ଛୋଟ ଛୋଟ ଦଳ ଗଠନ ଜରୁରୀ ।
- ଯତ୍ନର ସହ ଶ୍ରେଣୀ ସମୟର ଯୋଜନା ଏବଂ ପରିଚାଳନା ଏପରି କର ଯେମିତି ବିଦ୍ୟାର୍ଥୀମାନେ ଅଧିକାଂଶ ସମୟ ଶିକ୍ଷଣ କାର୍ଯ୍ୟରେ ନିୟୋଜିତ ରହିବେ ।
- କ୍ରିୟାକଳାପ ଆଧାରରେ ବସିବା ବ୍ୟବସ୍ଥା କରାଯିବା ଉଚିତ । କୌଣସି କ୍ରିୟାକଳାପ ସମ୍ପାଦନ ସମୟରେ ଏକାଧିକ ବସିବା ବ୍ୟବସ୍ଥା ଗ୍ରହଣ କରାଯାଇ ପାରେ ।
- ବିଦ୍ୟାର୍ଥୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଶିକ୍ଷକଙ୍କୁ କେତେକ କୌଶଳ ଯଥା :- ବିଦ୍ୟାର୍ଥୀଙ୍କୁ ସଶକ୍ତ କରିବା, ଛାତ୍ରଛାତ୍ରୀଙ୍କୁ ପ୍ରଶଂସା କରିବା, ସେମାନଙ୍କୁ ଆନନ୍ଦପୂର୍ଣ୍ଣ ଓ ଆହ୍ୱାନଯୁକ୍ତ କାର୍ଯ୍ୟ ପ୍ରଦାନ କରିବା, ବିଭିନ୍ନ କ୍ରିୟାକଳାପରେ ସେମାନଙ୍କୁ ସମ୍ପୃକ୍ତ କରିବା ତଥା ଉତ୍ସାହିତ କରିବା ।
- ଶ୍ରେଣୀରେ ଶୃଙ୍ଖଳା ବଜାୟ ରଖିବା ପାଇଁ ଛାତ୍ରଛାତ୍ରୀଙ୍କ ସହଯୋଗରେ କେତେକ ନିୟମାବଳୀ ପ୍ରସ୍ତୁତି ଏବଂ ସେସବୁକୁ ଅନୁସରଣ କରିବାକୁ ଚେଷ୍ଟା କରିବା ।

ଟିପ୍ପଣୀ

- ଏକ ଶିଶୁପ୍ରିୟ ପରିବେଶରେ ପିଲାଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ଜଣେ ଶିକ୍ଷକଙ୍କ ଭୂମିକା ଓ କାର୍ଯ୍ୟାବଳୀ ସଂକ୍ରାନ୍ତରେ ଶିକ୍ଷା ଅଧିକାର ଆଇନ-୨୦୦୯ରେ ଉଲ୍ଲେଖ ହୋଇଛି ।

## ୫.୭ ତୁମ ପ୍ରଗତି ପରଖିବା ପାଇଁ ଆଦର୍ଶ ଉତ୍ତରମାଳା

ପ୍ରଶ୍ନ-୧ ବିଦ୍ୟାର୍ଥୀ, ଶିକ୍ଷକ ଏବଂ ସାଧନ ସାମଗ୍ରୀ ସମେତ ଭୌତିକ ପରିବେଶ ।

ପ୍ରଶ୍ନ-୨ କ୍ରମାନ୍ୱୟ ଓ ସକ୍ଷମ ହେବାର ବ୍ୟବସ୍ଥା

ପ୍ରଶ୍ନ-୩ (କ) ପ୍ରତ୍ୟେକ ପିଲା ବ୍ୟକ୍ତିଗତଭାବେ ଜଣେଜଣେ ସକ୍ଷମ ଶିକ୍ଷାର୍ଥୀ ହୋଇଥାନ୍ତି,

(ଖ) ସ୍ୱନିୟନ୍ତ୍ରିତ ଶିକ୍ଷଣ, ବ୍ୟକ୍ତିଗତ ପ୍ରଚେଷ୍ଟାର ଆବଶ୍ୟକତା ଏବଂ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ରୁଚି, (ଗ) ସ୍ୱ-ନିର୍ଦ୍ଦେଶିତ ସାମଗ୍ରୀ ଦୂରନ୍ତ ଶିକ୍ଷା ପାଠ୍ୟକ୍ରମରେ ବ୍ୟାପକ ରୂପେ ବ୍ୟକ୍ତିଗତ ଶିକ୍ଷଣ ପାଇଁ ସ୍ୱଶିକ୍ଷଣରେ ସହାୟତା କରେ ।

ପ୍ରଶ୍ନ-୪ (କ)

ପ୍ରଶ୍ନ-୫ ଦଳ ଗଠନ ଏପରି ହେବା ଉଚିତ ଯେମିତି ପ୍ରତ୍ୟେକ ଦଳର ସଦସ୍ୟମାନେ ପରସ୍ପର ସହ ସହଜରେ ଆଲୋଚନା-ପର୍ଯ୍ୟାଲୋଚନା କରିପାରିବେ ।

ପ୍ରଶ୍ନ-୬ (କ) କାର୍ଯ୍ୟ କରିବାକୁ ଆତ୍ମବିଶ୍ୱାସ ସୃଷ୍ଟି ,(ଖ) ସମୂହର ସଦସ୍ୟ ଏବଂ ଅନ୍ୟ ଦଳର ସଦସ୍ୟଙ୍କ ମଧ୍ୟରେ ଉତ୍ତମ ବୁଝାମଣା ସ୍ଥାପନ ।

ପ୍ରଶ୍ନ-୭ ଯେକୌଣସି ତିନିଟି ମହତ୍ୱପୂର୍ଣ୍ଣ କାରଣ ଲେଖ ।

ପ୍ରଶ୍ନ-୮ ଗ

ପ୍ରଶ୍ନ-୯ ଖ

## ୫.୮ ସହାୟକ ଗ୍ରନ୍ଥ ଓ ପ୍ରବନ୍ଧ ସୂଚୀ

1. Cooper, James M. (2010). *Classroom Teaching Skills* (9th.Edn.). Boston: Houghton Mifflin




2. Jonson, Kathleen Feeney (2002). *The new elementary teacher's handbook* (2nd.Edn.). California: Corwin Press

3. Tomlinson, Carol Ann and Imbeau,Marcia B. (2010). *Living and managing a differentiated classroom*. Virginia, USA: ASCD


## ୫.୯ ପାଠାନ୍ତ ପ୍ରଶ୍ନାବଳୀ

୧. ତୁମେ କେଉଁ ପ୍ରକାର ଶ୍ରେଣୀକକ୍ଷରେ ନିଜକୁ ସହଜ ଅନୁଭବ କରିବ । ନିଜ ଉତ୍ତର ସପକ୍ଷରେ ୩ଟି କାରଣ ଲେଖ ।

୨. ଶ୍ରେଣୀକକ୍ଷ ପରିଚାଳନାରେ ବିଦ୍ୟାର୍ଥୀଙ୍କୁ ପ୍ରେରିତ/ପ୍ରୋତ୍ସାହିତ କରିବା ମହତ୍ୱପୂର୍ଣ୍ଣ କାହିଁକି ? (୨୦-୩୦ ଶବ୍ଦ ମଧ୍ୟରେ ଲେଖ)

୩. ତୁମେ ତୁମ ଶ୍ରେଣୀକକ୍ଷକୁ କେଉଁପ୍ରକାର ଶିକ୍ଷଣ-ଅନୁକୂଳ ପରିବେଶ କରିବାକୁ ଯୋଜନା କରିବ ?